ଧରିତ୍ରୀ
DHARITRI
December 20-26, 2020 ₹2/-

# ଛୁଟିଦିନ



# ବୋହୂ ବିଦେଶିନୀ ମନ ଓଡ଼ିଆ

ଭଲପାଇବା ଦେଖେନି ଜାତି, ଜାତକ କି ଦେଶ ବିଦେଶ। ସେଇଥିପାଇଁ ତ ଅନେକ ବିଦେଶୀ ଝିଅ ଓଡ଼ିଆ ପୁଅଙ୍କୁ ବାହା ହେଇଛନ୍ତି, ପୁଣି ଓଡ଼ିଆ ସଂସ୍କୃତିକୁ ଆପଣେଇ ହୋଇପାରିଛନ୍ତି ପୂରା ଓଡ଼ିଆଣୀ...

୩
ପ୍ରଚ୍ଛଦ ପ୍ରସଙ୍ଗ

୮/୯
ସିନେମା



୧୩
ସହରଠୁ ଦୂର

# ବାସ୍ତୁରେ ହଳଦିଆ ରଙ୍ଗ

ଆମେ ଦୈନନ୍ଦିନ ଜୀବନରେ ବିଭିନ୍ନ ରଙ୍ଗର ବ୍ୟବହାର କରିଥାଉ । ରଙ୍ଗମାନଙ୍କର ବିଭିନ୍ନ ପ୍ରକାର ପ୍ରଭାବ ବି ଥାଏ । ତେବେ ବାସ୍ତୁ ଅନୁଯାୟୀ ହଳଦିଆ ରଙ୍ଗର କ'ଣ କ'ଣ ପ୍ରଭାବ ରହିଛି ଜାଣନ୍ତୁ ନିମ୍ନରେ –



➔ହଳଦିଆ ରଙ୍ଗ ଶାନ୍ତି ଓ ବିନମ୍ରତାକୁ ସୂଚାଇଥାଏ । ସେଥିପାଇଁ ଘର ହେଉ ବା ଦୋକାନ ହଳଦିଆ ରଙ୍ଗର ହୋଇଥିଲେ ଏହା ସକରାତ୍ମକ ଶକ୍ତି ସୃଷ୍ଟି କରିଥାଏ ।

➔ବାସ୍ତୁଶାସ୍ତ୍ର ଅନୁଯାୟୀ ସୁନା, ଗହଣା ଓ ଟଙ୍କାକୁ ସର୍ବଦା ହଳଦିଆ ଓ ନାଲି ରଙ୍ଗର କପଡାରେ ରଖନ୍ତୁ । ଏହା ଦ୍ୱାରା ଧନ ବଢିଥାଏ ।

➔ଘରର ପରଦା, ଫୁଲକୁଣ୍ଡର ଫୁଲ, ସୌଖିନ ମୂର୍ତ୍ତି ଆଦି ହଳଦିଆ ରଙ୍ଗର ରଖିଲେ ଘରେ ଶାନ୍ତି ବଜାୟ ରହେ ଓ ଉନ୍ନତି ବଢେ ।

➔ଅଧିକାଂଶ ହଳଦିଆ ଜିନିଷ ସର୍ବଦା ଦକ୍ଷିଣ-ପୂର୍ବ ଦିଗରେ ରଖିବାକୁ ଚେଷ୍ଟା କରନ୍ତୁ । କାରଣ ବାସ୍ତୁ ଅନୁଯାୟୀ ଦକ୍ଷିଣ-ପୂର୍ବ ଦିଗ ହେଉଛି ମାଟି ମା'ଙ୍କ କୋଣ । ଏହା ଦ୍ୱାରା ସର୍ବଦା ଘରେ ସୁଖ ସମୃଦ୍ଧି ବଜାୟ ରହେ ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଡିସେମ୍ବର ୨୦-୨୬

**ମେଷ**
ଦୈହିକ ସୁସ୍ଥତା, ଉଚ୍ଚଚିନ୍ତା, ଆର୍ଥିକ ଉନ୍ନତି ଭ୍ରାତୃମନାନ୍ତର, ପାରିବାରିକ ଅଶାନ୍ତି, ଋଣଭାର ବୃଦ୍ଧି, ସ୍ତ୍ରୀଙ୍କ ସୁପରାମର୍ଶ, ବ୍ୟବସାୟରେ ସମସ୍ୟା, ଯାତ୍ରାରେ କଳହ, ଆନୁଷ୍ଠାନିକ କାର୍ଯ୍ୟାରମ୍ଭ, ଆତ୍ମୀୟଙ୍କ ଶତ୍ରୁତା ।

**ବୃଷ**
ସ୍ୱାସ୍ଥ୍ୟହାନିରୁ ଦୁଶ୍ଚିନ୍ତା, ଯୋଜନାରେ ବ୍ୟତିକ୍ରମ, ସରକାରୀ ସୁବିଧାପ୍ରାପ୍ତି, ଗବେଷଣାରେ ସଫଳତା, ନୀଚସଙ୍ଗରୁ ସମସ୍ୟା, ଆତ୍ମୀୟଙ୍କ ଅନାଦର ଭାବ ।

**ମିଥୁନ**
କର୍ମକ୍ଷେତ୍ରରେ ସ୍ଥାନାନ୍ତର, ମାନସିକ ଅସ୍ଥିରତା, ପୁରୁଣା ଘର, ଦୁଃଖଦ ଅନୁଭୂତିରୁ ମନସ୍ତାପ, ବୈରାଗ୍ୟଭାବ ସୃଷ୍ଟି, ବିଜାତୀୟ ବ୍ୟକ୍ତିଙ୍କ ସହ ମିତ୍ରତା, ଋଣ ପରିଶୋଧ, ଅଦାଲତରେ ସଫଳତା ।

**କର୍କଟ**
ସାମାଜିକ ସମ୍ମାନ, ବନ୍ଧୁବର୍ଗଙ୍କ ପ୍ରଶଂସା, ସହକର୍ମୀଙ୍କ ପ୍ରତାରଣା, ଆୟ ତୁଳନାରେ ବ୍ୟୟବୃଦ୍ଧି, ପବ୍ଲିକେଶନରେ ସମସ୍ୟା, ଏଜେନ୍ସିପ୍ର ପ୍ରସାର, କର୍ମକ୍ଷେତ୍ରରେ ବାଧାବିଘ୍ନ, ପ୍ରତିଯୋଗିତାରେ ସଫଳତା ।

**ସିଂହ**
ଆର୍ଥିକ ଅନଟନ, ଦୈହିକ ଅସୁସ୍ଥତା, କାର୍ଯ୍ୟହାନିରୁ ବ୍ୟସ୍ତତା, ଆନୁଷ୍ଠାନିକ ସମସ୍ୟା, ବନ୍ଧୁ ବିରୋଧ, ଆତ୍ମୀୟଙ୍କ ଶତ୍ରୁତା, ଦୁର୍ଘଟଣାରୁ ରକ୍ଷାପାଇବେ, ସାମାଜିକ ପ୍ରତିଷ୍ଠା, ରୋଗପୀଡାରୁ ଦୁଃଖ ।

**କନ୍ୟା**
କର୍ତ୍ତବ୍ୟନିଷ୍ଠାରୁ ପ୍ରଶଂସା, ବ୍ୟବସାୟରେ ଉନ୍ନତି, ପୈତୃକ ସମ୍ପତ୍ତିକୁ ନେଇ ବିବାଦ, ସନ୍ତାନ ହେତୁକ ଗୌରବ, ବିବାଦରେ ବିଜୟ, ମାନସିକ ଦୁଶ୍ଚିନ୍ତା, ଦୂରଯାତ୍ରା ପାଇଁ ପ୍ରସ୍ତୁତି, ଠକାମିର ଶିକାର, ଚକ୍ଷୁକର୍ଣ୍ଣ ପୀଡା ।

**ତୁଳା**
ଆଶାବାଦୀ ହେବେ, ବିଭିନ୍ନଯୋଜନା କରିବେ, ଅର୍ଥସମ୍ମାନ ମିଳିବ, ସମସ୍ୟା ସମାଧାନ ହେବ, ସ୍ୱାସ୍ଥ୍ୟସମସ୍ୟା ସୁଧୁରିବ, ନୂତନ ବନ୍ଧୁ ସମ୍ପର୍କ, ଅଭିଳାଷ ପୂରଣ, ରଚନାତ୍ମକ କାର୍ଯ୍ୟରୁ ପ୍ରଶଂସା ।

**ବିଛା**
କର୍ମଜଞ୍ଜାଳ ବୃଦ୍ଧି, ଧର୍ମକାର୍ଯ୍ୟରେ ରୁଚି, ପଦୋନ୍ନତିର ସୂଚନା, ମିତ୍ରବନ୍ଧୁଙ୍କ ସହାୟତା, ଆତ୍ମୀୟଙ୍କ ଆଦର ଅଭ୍ୟର୍ଥନା, ସୁସମ୍ପର୍କରେ ଭଙ୍ଗା, ଅଭାବ ଲାଗିରହିବ, କାମ ଅଟକିବ ନାହିଁ, ନିନ୍ଦା ଅପବାଦ ଆସିପାରେ, ଚୋର ଭୟ ରହିଛି ।

**ଧନୁ**
ଆର୍ଥିକ ଅଭିବୃଦ୍ଧି, ପଡୋଶୀଙ୍କ ପ୍ରତିବାଦ, ଭ୍ରାତୃସମ୍ପର୍କରେ ଅବନତି, ଯାନବାହନର ନବୀକରଣ, କ୍ରନିକ୍ ରୋଗପୀଡାରୁ ଦୁଶ୍ଚିନ୍ତା, ବୃତ୍ତିଗତ ଧନ୍ଦାରେ ବାଧା, ଆଇନ ସହାୟତା ପାଇବେ, ସରକାରୀ ସୁବିଧା ପ୍ରାପ୍ତି ।

**ମକର**
କର୍ମକ୍ଷେତ୍ରରେ ସ୍ଥାନାନ୍ତର, ଗୃହଭୂମି ଲାଭ, ରପ୍ତାନି ବାଣିଜ୍ୟ ବୃଦ୍ଧି, ଜମାରାଶି ପାଇବେ, ବିଦେଶଯାତ୍ରାର ପ୍ରସ୍ତୁତି, ସ୍ୱାସ୍ଥ୍ୟୋନ୍ନତିରୁ ଆଶ୍ୱସ୍ତି, ମାଲିମକଦ୍ଦମାର ଫଇସଲା, ସାହିତ୍ୟକୃତିରୁ ସମ୍ମାନ ।

**କୁମ୍ଭ**
କର୍ମନିଯୁକ୍ତିର ସୂଚନା, ପ୍ରିୟବନ୍ଧୁଙ୍କ ପ୍ରତିଶ୍ରୁତି, ଦୁଃସାହସିକ କାର୍ଯ୍ୟରେ ସମସ୍ୟା, ମାନସିକ ଅବସାଦ, ଚୁକ୍ତିପତ୍ର କରିପାରନ୍ତି, ଆଲୋଚନାରେ ବିତର୍କ, ସମ୍ପର୍କରେ ବ୍ୟତିକ୍ରମ, ବିଜାତୀୟ ବ୍ୟକ୍ତିଙ୍କ ଶତ୍ରୁତା, ରାଜନୀତିରେ ଯଶ ପ୍ରତିଷ୍ଠା ।

**ମୀନ**
ନୂତନ କାର୍ଯ୍ୟାରମ୍ଭ, ଆନୁଷଙ୍ଗିକ ସୁବିଧାପ୍ରାପ୍ତି, ପାରିବାରିକ ସହମତି, ଭୁଲ୍ ବୁଝାମଣାର ଅବସାନ, ଧନକ୍ଷୟରୁ ମନସ୍ତାପ, ମତାନ୍ତରରୁ କଳହ, କରଜଦାତାଙ୍କ ଚାପ, ସମସ୍ୟାର ସମାଧାନ, ଯାତ୍ରାରେ ଲକ୍ଷ୍ୟପୂରଣ, କଳାସାହିତ୍ୟରୁ ପ୍ରଶଂସା, ଉପରିସ୍ଥଙ୍କ କୈଫିୟତ ତଲବ ।

# ମହୁମାଛିଙ୍କ ରେଷ୍ଟୁରାଣ୍ଟ




ବିଭିନ୍ନ ପ୍ରକାର ରେଷ୍ଟୁରାଣ୍ଟ ବିଷୟରେ ତ ସମସ୍ତେ ଜାଣିଥିବେ, କିନ୍ତୁ ମହୁମାଛିଙ୍କ ରେଷ୍ଟୁରାଣ୍ଟ ବିଷୟରେ କେବେ ଶୁଣିଛନ୍ତି କି ? ଏହା ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗିଲେ ବି ସତ । ଏବେ ଖାସ୍ ମହୁମାଛିଙ୍କ ପାଇଁ ତିଆରି ହୋଇଛି ମାକ୍ ଡୋନାଲ୍ଡ ରେଷ୍ଟୁରାଣ୍ଟ । ଏହା ହେଉଛି ପୃଥିବୀର ସବୁଠାରୁ କ୍ଷୁଦ୍ରତମ ରେଷ୍ଟୁରାଣ୍ଟ । ଏହାକୁ ସ୍ୱିଡେନ୍‌ରେ ମହୁମାଛିଙ୍କ ସଂରକ୍ଷଣ ପାଇଁ ତିଆରି କରାଯାଇଛି । ଏହାର ବାହାର ପାର୍ଶ୍ୱ ଦେଖିବାକୁ ଅବିକଳ ମାକ୍ ଡୋନାଲ୍ଡ ରେଷ୍ଟୁରାଣ୍ଟ ପରି । ଏହାଛଡା ଏଥିରେ ରହିଛି ମାକ୍ ଡୋନାଲ୍ଡର ଲୋଗୋ, ଡ୍ରାଇଭ୍ ଥ୍ରୁ ସାଇନ୍ ଓ ଝରକାରେ ଆଡ୍‌ଭର୍ଟାଇଜ୍‌ମେଣ୍ଟ । ଆଉ ଭିତର ପାର୍ଶ୍ୱରେ ରହିଛି ମହୁମାଛିଙ୍କର ଚକ୍ର, ଯେଉଁଥିରେ ସେମାନଙ୍କ ପାଇଁ ଥାଏ ଖାଦ୍ୟ । ଏଥିରେ ହଜାରରୁ ଅଧିକ ମହୁମାଛି ରହିପାରିବେ ।

# ପାଠକୀୟ

➢ ସହର ବଜାରରେ ଏବେ ଘର କରିବା ପାଇଁ ଜାଗାର ଅଭାବ । ତେଣୁ ନିଜ ସାଧ ମୁତାବକ ଛୋଟ ଜାଗାକୁ କିଣି ଲୋକ ଘର କରିବାକୁ ବାଧ ହୁଅନ୍ତି । ଗଛ ଲଗାଇବା ପାଇଁ ଜାଗା କି ମାଟି ମିଳିବା ଏବେ ସମସ୍ୟା । ତେଣୁ ଏସବୁର ସମାଧାନ କରିପାରିବ– ବିନା ମାଟିରେ ଚାଷ । ଆଉ ଏହି ବିଷୟକୁ ନେଇ ଛୁଟିଦିନରେ ସ୍ୱତନ୍ତ୍ର ଭାବେ ଉପସ୍ଥାପନା କରାଯାଇଥିବା ପ୍ରଚ୍ଛଦ ପ୍ରସଙ୍ଗଟିରୁ ଅନେକ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା । 'ଟମାଟୋ: ଅନେକରେ ଏକ', 'ଯାଆଁଳା କିନ୍ତୁ ଭିନ୍ନ' ଆଦି ପାଠ ଦୁଇଟି ବି ଖୁବ୍ ମଜାଦାର ଥିଲା ।

*–ସ୍ୱାଗତିକା ମହାନ୍ତି, କେନ୍ଦ୍ରାପଡ଼ା*

➢ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ବିନା ମାଟିରେ ଚାଷ'ରୁ ଚାଷ ସମ୍ପର୍କରେ ଅନେକ କିଛି ଶିଖିବାକୁ ମିଳିଲା । ତା'ସହିତ ଗଳ୍ପ ଓ କବିତା କ୍ଷୁଦ୍ର ହୋଇଥିଲେ ହେଁ ସୁଖପାଠ୍ୟ । ବିଦେଶରେ 'ଅଜବ ଡ୍ରାଇଭିଂ ରୁଲ୍ସ' ପଢିବା ପରେ ସଂପୃକ୍ତ ଦେଶଗୁଡ଼ିକର ନିୟମକାନୁନ୍ ବିଷୟରେ ଏକ ପୁଙ୍ଖାନୁପୁଙ୍ଖ ଜ୍ଞାନ ମିଳିପାରିଲା ।

*–ଶ୍ରୀ ଦେବଦର୍ଶୀ ନାୟକ, ଚରମ୍ପା, ଭଦ୍ରକ*

➢'ଭିନ୍ନ ଲୁକ୍‌ର ଓ୍ୱିଣ୍ଟର କୋଟ୍' ପାଠଟିରୁ କେତେକ ଅଜବ ଓ୍ୱିଣ୍ଟର କୋଟ୍ ସମ୍ପର୍କରେ ଜାଣି ଆଶ୍ଚର୍ଯ୍ୟ ଲାଗିଲା । ସେହିପରି ବ୍ୟକ୍ତିତ୍ୱ ପୃଷ୍ଠାରୁ କବି, ଗୀତିକାର, କଣ୍ଠଶିଳ୍ପୀ, ସଙ୍ଗୀତ ନିର୍ଦ୍ଦେଶକ ସତ୍ୟନାରାୟଣ ମହାପାତ୍ରଙ୍କ ଜୀବନୀ ଓ ସଫଳତା ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା । ସିନେମା ପୃଷ୍ଠାଟି ମଧ୍ୟ ବେଶ୍ ଆକର୍ଷଣୀୟ ହୋଇପାରୁଛି ।

*–ଅଶୋକ ରାଉଳ, ବାଣପୁର, ଖୋର୍ଦ୍ଧା*

➢ପ୍ରାଧ୍ୟାପକ ଡ. ସୁଶାନ୍ତ କୁମାର ପଟ୍ଟନାୟକଙ୍କ ରୋଜଗାର ସମ୍ପର୍କିତ ଲେଖାଟି ବେଶ୍ ମନଛୁଆଁ ହୋଇପାରିଥିଲା । 'ଅଜବ ଡ୍ରାଇଭିଂ ରୁଲ୍ସ' ପାଠଟିରୁ ଗାଡ଼ି ଚାଳନାକୁ ନେଇ କେଉଁ ଦେଶରେ କି କି ନିୟମ ରହିଛି, ସେ ସମ୍ପର୍କରେ ବି ଅବଗତ ହୋଇପାରିଲି । ମଡେଲ୍ ମିରର୍‌ରେ ରାମେଶ୍ୱରୀ ଖୁବ୍ ସୁନ୍ଦରୀ ଲାଗୁଥିଲେ । ହାଃ ହାଃ ବି ମଜାଦାର ହୋଇପାରୁଛି ।

*–ରାକେଶ ପ୍ରଧାନ, ସିଡିଏ, କଟକ*

➢ସହର ପୃଷ୍ଠାରୁ 'ଗୁଜରାଟ' ପର୍ଯ୍ୟଟନ ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା । ବିବିଧା ପୃଷ୍ଠାରେ ସ୍ଥାନିତ 'କୁକୁଡ଼ା ଅଣ୍ଡାଠୁ ବଡ଼ ଏଇ ଅଙ୍ଗୁର' ଏବଂ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ପୋକରେ ତିଆରି ଆମଲେଟ୍', 'ଆଖିପତା ସାଜିଛି କାନଭାସ୍' ଏବଂ 'ହ୍ୱିସିଲିଂ ଭିଲେଜ୍' ଆଦି ପାଠଗୁଡ଼ିକ ବି ବେଶ୍ ଆଶ୍ଚର୍ଯ୍ୟକର ଥିଲା ।

*–ଦମୟନ୍ତୀ ପ୍ରଧାନ, ସୁନ୍ଦରଗଡ଼*

➢ମୋତେ ଛୁଟିଦିନ ପଢିବାକୁ ଖୁବ୍ ଭଲ ଲାଗେ । ଖାସ୍ କରି ଏହାର ପ୍ରଚ୍ଛଦ ପ୍ରସଙ୍ଗ, ସିନେମା ଓ ସାଥୀ ପୃଷ୍ଠାଟି ଭାରି ପ୍ରିୟ । ତା'ଛଡ଼ା ବିବିଧା ଓ ବ୍ୟାକ୍‌ପେଜ୍ ପୃଷ୍ଠାରେ ପ୍ରକାଶ ପାଉଥିବା ଛୋଟ ଛୋଟ ତଥା ଆଶ୍ଚର୍ଯ୍ୟକର ପାଠଗୁଡ଼ିକ ବି ବେଶ୍ ସୁନ୍ଦର ଭାବେ ଉପସ୍ଥାପନା ହେଉଛି ।

*–ଗିରିଜା ପ୍ରସାଦ ବଳବନ୍ତରାୟ, ଝାରସୁଗୁଡ଼ା*

## ବିଶେଷ ଚିଠି




ଛୁଟିଦିନ ସଦା ତୁମକୁ ଝୁରନ୍ତି
ପାଠକ ପାଠିକା ଗଣ,
ସହରଠୁ ପଲ୍ଲୀ ଯାଏ ପ୍ରସାରିତ
ଯେତେ ସବୁ ଯଶ ଗୁଣ ।
ବିପଥ ଜନକୁ ପଥ ଦେଖାଅ
ଅଜ୍ଞାନ ଲଭଇ ଜ୍ଞାନ,
ବଣ ଫୁଲ ବଣେ ମିଳାଇ ନ ଯାଉ
ଏଥିକୁ ତୁମ ଧ୍ୟାନ ।
ସୁଦୟା କରନ୍ତୁ ପ୍ରଭୁ ଜଗନ୍ନାଥ
କୁସୁମିତ ହେଉ ତୁମ ଚଲାପଥ ।

*–ସ୍ୱର୍ଣ୍ଣବାଳା ନାୟକ, ସତ୍ୟନଗର, ଭୁବନେଶ୍ୱର*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ବୋହୂ ବିଦେଶିନୀ ମନ ଓଡ଼ିଆ



ଓଡ଼ିଶାର ସଂସ୍କୃତି, ପରମ୍ପରା ଅନନ୍ୟ। ଯାହାକୁ ଏବେ ଭଲ ପାଇ ବସିଛନ୍ତି କେତେଜଣ ବିଦେଶୀ ଝିଅ। ସେମାନଙ୍କ ଭିତରୁ କେତେକେ ଓଡ଼ିଆ ଯୁବକଙ୍କୁ ପ୍ରେମବିବାହ କରି ଖୁସିରେ ଘର ସଂସାର ବି କଲେଣି। ଆଉ ଓଡ଼ିଆ ଘର ବୋହୂମାନଙ୍କର ଚାଲିଚଳଣ, ବେଶଭୂଷା ଓ ଆଚାର ବ୍ୟବହାରକୁ ଦେଖିଶିଖି ଜାଣିବା ସହ ସେହି ଅନୁଯାୟୀ ଚଳିବାକୁ ଚେଷ୍ଟା ବି କରିଲେଣି। ଏଠାରେ ସେମିତି କେତେଜଣ ବିଦେଶୀ ଝିଅ ଓଡ଼ିଆ ଘରର ବୋହୂ ସାଜିବା ପରେ ଆମ ସଂସ୍କୃତି ଓ ପରମ୍ପରାକୁ କେମିତି ଆପଣେଇଛନ୍ତି, ତାହାକୁ ନେଇ ଏହି ଆଲେଖ୍ୟ...

## ଜାପାନୀ ହେଲେ ବି ମୋ ପତ୍ନୀ ମୋ ପାଇଁ ପ୍ରେରଣା

ପୁରୀ ଚକ୍ରତୀର୍ଥ ରୋଡ୍‌ର ବାସିନ୍ଦା ଚନ୍ଦ୍ରଶେଖର ଦାଶ ଓ ସୁଷମା ଦାଶଙ୍କର ସୁପୁତ୍ର ହେଲେ କୁନା ଦାଶ। ପୁରୀ ଜନ୍ମଭୂମି ହୋଇଥିଲେ ହେଁ ଜାପାନର କ୍ୟୋତୋ ସହର ହେଉଛି ତାଙ୍କର କର୍ମଭୂମି। ଗତ ୩୦ ବର୍ଷ ଧରି ସେ ଜାପାନରେ ରହି ଭାରତ ବିଶେଷକରି ଜନ୍ମଭୂମି ପୁରୀ, ଓଡ଼ିଶା ଓ ଜାପାନ ମଧ୍ୟରେ ସୁସମ୍ପର୍କ ସ୍ଥାପନ କରିବାର ନିରନ୍ତର ପ୍ରୟାସ କରି ଆସୁଛନ୍ତି। ଭାରତ ଏବଂ ଜାପାନ ମଧ୍ୟରେ ସାଂସ୍କୃତିକ ଭାବ ବିନିମୟ ପାଇଁ ସେ ୨୦୦୨ ମସିହାରେ ଇଣ୍ଡିଆ-ଜାପାନ ଫ୍ରେଣ୍ଡଶିପ୍ ସେଣ୍ଟର(ଜାପାନରେ) ପ୍ରତିଷ୍ଠା ମଧ୍ୟ କରିଛନ୍ତି। ତା'ସହିତ ପୁରୀରେ ଜାପାନୀ ଫେଷ୍ଟିଭାଲ୍ ଏବଂ ଜାପାନରେ ନମସ୍ତେ ଇଣ୍ଡିଆ କାର୍ଯ୍ୟକ୍ରମ ଶୁଭାରମ୍ଭ କରିବାରେ ସେ ହେଉଛନ୍ତି ମୁଖ୍ୟ ଉଦ୍ୟୋକ୍ତା। ସେହିପରି ଆଜକୁ ପ୍ରାୟ ୮ ବର୍ଷ ହେବ ସେ ଜାପାନ କ୍ୟୋତୋର ଅନ୍ତର୍ଜାତୀୟ ପର୍ଯ୍ୟଟନ ରାଷ୍ଟ୍ରଦୂତ ଭାବେ ଦାୟିତ୍ୱ ମଧ୍ୟ ସମ୍ପାଦିତ କରି ଆସୁଛନ୍ତି। ତେବେ ଜାପାନ- ଭାରତ ଏହି ଦୁଇ ଦେଶ ମଧ୍ୟରେ ଶିକ୍ଷା, ସଂସ୍କୃତି, କଳା, ବାଣିଜ୍ୟ ଏବଂ ବନ୍ଧୁତ୍ୱର ପ୍ରଚାର ପ୍ରସାରକୁ ପ୍ରୋତ୍ସାହିତ କରିବାରେ କୁନାଙ୍କର ଦୀର୍ଘ ୩୦ ବର୍ଷର ଅବଦାନ ପାଇଁ ଏଇ କିଛିଦିନ ତଳେ ତାଙ୍କୁ ଜାପାନର ବୈଦେଶିକ ମନ୍ତ୍ରାଳୟ ଦ୍ୱାରା ଜାପାନର ସର୍ବୋଚ୍ଚ ପୁରସ୍କାର ପ୍ରଦାନ କରାଯାଇଛି। ଓଡ଼ିଶାରୁ ଏହି ସମ୍ମାନଜନକ ପୁରସ୍କାର ପାଇବାରେ ସେ ହେଉଛନ୍ତି ଏକମାତ୍ର ମନୋନୀତ ବ୍ୟକ୍ତି, ଯାହା କି ଭାରତ ବିଶେଷକରି ଓଡ଼ିଶା ପାଇଁ ଅତି ଗର୍ବ ଓ ଗୌରବର ବିଷୟ। ତେବେ କୁନାଙ୍କର ଜାପାନ ସହ ଏହି ୩୦ ବର୍ଷ ସମ୍ପର୍କର ଶୁଭାରମ୍ଭର କାହାଣୀ ହେଉଛି ବେଶ୍ ସ୍ମୃତିମଧୁର। କୁନାଙ୍କ ଜନ୍ମ ବେଳକୁ ତାଙ୍କ ନନା (ବାପା) ପୁରୀ ଚକ୍ରତୀର୍ଥ ରୋଡ୍‌ରେ ଏକ ଛୋଟ ହୋଟେଲ୍ ଚଳାଉଥିଲେ। ସେତେବେଳେ ସ୍ଥାନୀୟ ଅଞ୍ଚଳରେ ଏହା ଏକମାତ୍ର ଏମିତି ହୋଟେଲ୍ ଥିଲା, ଯେଉଁଠାରେ ବିଦେଶୀ ପର୍ଯ୍ୟଟକଙ୍କୁ ରହିବାର ଅନୁମତି ମିଳିଥିଲା। କୁନା ବଡ଼ ହେବାପରେ ହୋଟେଲ୍ ଆଡେ ବୁଲିବାକୁ ଯାଉଥିଲେ। ସେଠାରେ ଜାପାନୀ ଲୋକଙ୍କ ସହ ମିଶିବା, ତାଙ୍କ ଚାଲିଚଳନ, ଭାଷା, ସଂସ୍କୃତି, ସମ୍ପର୍କରେ ଜାଣିବାର ବହୁ ସୁଯୋଗ ତାଙ୍କୁ ମିଳିଲା। ଜାପାନୀଜ୍ ଭାଷା ଭଲ ଲାଗିବାରୁ ପରବର୍ତ୍ତୀ ସମୟରେ ସେ ତା' ଉପରେ ଏକ କୋର୍ସ ମଧ୍ୟ କଲେ। କିଛିଦିନ ପରେ ତାଙ୍କ ନନା ଜାପାନର କ୍ୟୋତୋ ନିକଟରେ ଏକ ରେଷ୍ଟୁରାଣ୍ଟ ଖୋଲିଲେ ଆଉ ତା'ର ଦାୟିତ୍ୱ କୁନାଙ୍କୁ ଦେଲେ। ସେତେବେଳେ ତାଙ୍କୁ ମାତ୍ର ୨୨ ବର୍ଷ ହୋଇଥାଏ। ନନାଙ୍କ କଥା ମାନି ଜାପାନ ଗଲେ ଆଉ ରେଷ୍ଟୁରାଣ୍ଟର ଦାୟିତ୍ୱ ନେଲେ। କିଛିଦିନ ପରେ ହଠାତ୍ ସେଠାରେ ଏକ ଭୟଙ୍କର ଭୂମିକମ୍ପ ହେଲା, ଯେଉଁଥିରେ ଅନେକ ଧନଜୀବନ ନଷ୍ଟ ହୋଇଗଲା। କୁନାଙ୍କ ରେଷ୍ଟୁରାଣ୍ଟ ମଧ୍ୟ ଭାଙ୍ଗି ଗଲା। ୭/୮ଦିନ ସେ କିଛି ଖାଇବାକୁ ପାଇଲେ ନାହିଁ। ହଠାତ୍ ଦିନେ ସ୍ଥାନୀୟ ଅଞ୍ଚଳର ଏକ ଜାପାନୀ ପରିବାର ତାଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଲେ। ତାଙ୍କୁ ଖାଇବାକୁ ଦେବା ସହ ତାଙ୍କର ଭଲମନ୍ଦ କଥା ବୁଝିଲେ। କ୍ରମେ ସେହି ପରିବାର ସହ କୁନାଙ୍କର ନିବିଡ଼ ସମ୍ପର୍କ ହୋଇଗଲା। ସେହି ପରିବାରର ଝିଅ ମିଚିକୋଙ୍କ ସହ କୁନାଙ୍କର ବନ୍ଧୁତା ହେଲା ଯାହା ପରେ ଭଲ ପାଇବାର ରୂପ ନେଲା। ମିଚିକୋଙ୍କ ପରିବାର ତରଫରୁ କିଛି ଅସୁବିଧା ନ ଥିଲେ ମଧ୍ୟ, କୁନା କିନ୍ତୁ ଘର ଲୋକଙ୍କୁ ଜଣାଇବାକୁ ସାହସ କରି ନ ଥିଲେ। କାରଣ ସେ ଥିଲେ ଘରର ବଡ଼ ପୁଅ, ପୁଣି ଜାତିରେ ବ୍ରାହ୍ମଣ। ଜଣେ ବିଦେଶିନୀକୁ ବିବାହ କରିବା କଥା ତାଙ୍କ ଘର ଲୋକେ ସହଜରେ ଗ୍ରହଣ କରିବେ ନାହିଁ ବୋଲି ସେ ଜାଣିଥିଲେ, ତେଣୁ ଘରକୁ ନ ଜଣାଇ ଜାପାନରେ ସେମାନେ ବିବାହ କରିନେଲେ। କିନ୍ତୁ ତାଙ୍କର ଚେଷ୍ଟା ଥିଲା, ଧର୍ମପତ୍ନୀ ମିଚିକୋଙ୍କୁ ଏମିତି ଭାବେ ଗଢିବେ ଯେମିତି ସେ ସବୁ ପରିସ୍ଥିତିକୁ ସାମ୍ନା କରିପାରିବେ। ସେଥିପାଇଁ ସେ ମିଚିକୋଙ୍କୁ ଓଡ଼ିଶାର ସଂସ୍କୃତି, ପରମ୍ପରା, ପରିସ୍ଥିତି ଏବଂ ଭାଷା ସମ୍ପର୍କରେ ଅବଗତ କରାଇବା ସହ ନିଜେ ମଧ୍ୟ ତାଙ୍କ ସଂସ୍କୃତି ଓ ପରମ୍ପରାକୁ ଅତି ନିକଟରୁ ବୁଝିବାକୁ ଚେଷ୍ଟା କରିଥିଲେ। କ୍ରମେ ଓଡ଼ିଶା ସହ ଜାପାନର ସମ୍ପର୍କକୁ ଦୃଢୀଭୂତ କରିବାକୁ ଉଭୟ ପତ୍ନୀପତି ଧୀରେ ଧୀରେ ପଦକ୍ଷେପ ନେବା ଆରମ୍ଭ କଲେ। ପ୍ରାୟ ୫ ବର୍ଷ ପର୍ଯ୍ୟନ୍ତ କୁନା ପରିବାର ଲୋକଙ୍କଠାରୁ ନିଜ ବୈବାହିକ ସମ୍ପର୍କକୁ ଲୁଚାଇ ରଖି ତା'ରି ଭିତରେ ମିଚିକୋଙ୍କ ସହଯୋଗରେ ନିଜ ପରିବାର ପାଇଁ ତଥା ଓଡ଼ିଶାବାସୀଙ୍କ ପାଇଁ ଅନେକ କିଛି କାର୍ଯ୍ୟ କରିଥିଲେ। ପ୍ରଥମେ ତାଙ୍କ ଛୋଟ ହୋଟେଲ୍ ପାଇଁ ବଡ଼ ଜାଗାଟିଏ କିଣି ହୋଟେଲ୍‌କୁ ସେଠାକୁ ସ୍ଥାନାନ୍ତରିତ କରି ନେଇଥିଲେ। ତା'ସହିତ ୨୦୦୪ରେ ପୁରୀ-କୋଣାର୍କ ରୋଡ୍ ନିକଟରେ ନିଜ ନନାଙ୍କ ନାମରେ 'ଚନ୍ଦ୍ରଶେଖର ଏକାଡେମୀ' ପ୍ରତିଷ୍ଠା କଲେ, ଯେଉଁଠାରେ ମୁଖ୍ୟତଃ ଛାତ୍ରୀଛାତ୍ରଙ୍କୁ ସିବିଏସ୍‌ଇ ପାଠ୍ୟକ୍ରମ ସହ ଓଡ଼ିଆ, ହିନ୍ଦୀ, ଜାପାନୀଜ୍ ଭାଷା ଓ ସଂସ୍କୃତି ଶିକ୍ଷା ଦିଆଯାଇଥାଏ। ଜାଣିଲେ ଆଶ୍ଚର୍ଯ୍ୟ ହେବେ ମିଚିକୋ ନିଜେ ଏଠାରେ ଛାତ୍ରୀଛାତ୍ରଙ୍କୁ ଓଡ଼ିଆ, ହିନ୍ଦୀ ଓ ଜାପାନୀଜ୍ ଭାଷା ଓ ସଂସ୍କୃତି ଉପରେ ଶିକ୍ଷା ଦେଇଥାନ୍ତି। ତା'ସହିତ କୁନାଙ୍କ ଅନୁପସ୍ଥିତିରେ ଏକାଡେମୀର ପୂରା ଦାୟିତ୍ୱ ସେ ତୁଲାଇଥାନ୍ତି। ତେବେ ପୁଅ କରିଥିବା ଏକାଡେମୀରେ ଜଣେ ଜାପାନୀ ମହିଳା ଏତେ ଦାୟିତ୍ୱ ନେଇ କାହିଁକି କାମ କରୁଛି, ସେହି କଥାକୁ ସନ୍ଦେହ କରି କୁନାଙ୍କ ପରିବାର ଲୋକେ ଶେଷରେ ସତ କଥାଟି ଜାଣିଥିଲେ। ଜଣେ ବିଦେଶିନୀ ହୋଇ ଆମ ସଂସ୍କୃତି, ପରମ୍ପରା, ଭାଷାକୁ ଏତେ ସୁନ୍ଦର ଭାବେ ଜାଣିଥିବା ତଥା ବୁଝିଥିବା କଥା ଜାଣିବା ପରେ ତାଙ୍କ ପରିବାର ଲୋକେ ମିଚିକୋଙ୍କୁ ବୋହୂ ରୂପେ ଗ୍ରହଣ କରି ନେଇଥିଲେ। ବାସ୍ ସେବେଠାରୁ ମିଚିକୋ ନିଜ ଶାଶୁଘରେ ରହି ପରିବାରର କଥା ବୁଝିବା ସହ ଏକାଡେମୀର ସମ୍ପୂର୍ଣ୍ଣ ଦାୟିତ୍ୱ ତୁଲାଇ ଆସୁଛନ୍ତି। ଅନ୍ୟପକ୍ଷେ କୁନା ଜାପାନରେ ରହି ଇଣ୍ଡୋ-ଜାପାନ ସାଂସ୍କୃତିକ ସମ୍ପର୍କର ବାର୍ତ୍ତାବହ ସାଜିବା ସହ କ୍ୟୋତୋଠାରେ ବି ସ୍ଥାନୀୟ ଆଡ୍‌ମିନିଷ୍ଟ୍ରେଶନ ସାହାଯ୍ୟରେ 'ଚନ୍ଦ୍ରଶେଖର ଏକାଡେମୀ' ପ୍ରତିଷ୍ଠା କରିଛନ୍ତି। ମୁଖ୍ୟତଃ ଜାପାନରେ କାମ କରୁଥିବା ଭାରତୀୟ ଓ ଏହାର ଚତୁଃପାର୍ଶ୍ୱରେ ଥିବା ଦେଶର ପିଲାମାନେ ଏହି ଏକାଡେମୀରେ ସେମାନଙ୍କ ପାଠ୍ୟକ୍ରମ ସହ ଭାରତର କଳା ଓ ସଂସ୍କୃତି ବିଷୟରେ ଜାଣିବାର ସୁଯୋଗ ପାଇଥାନ୍ତି। ତେବେ ଆଜିର ଏହି ସଫଳତା ସମ୍ପର୍କରେ କୁନାଙ୍କୁ ପଚାରିଲେ ସେ କୁହନ୍ତି, ''ଆପଣମାନେ ଆଜି ଯେଉଁ ସ୍ଥାନରେ ମୋତେ ଦେଖୁଛନ୍ତି, ସେଠାକୁ ପହଞ୍ଚିବା ପାଇଁ ମୋତେ ଖୁବ୍ କଷ୍ଟ କରିବାକୁ ପଡିଛି। ଆଉ ପ୍ରତି କ୍ଷେତ୍ରରେ ମୋ ଧର୍ମପତ୍ନୀ ମୋତେ ପୂର୍ଣ୍ଣ ସହଯୋଗ କରି ଆସିଛନ୍ତି। ମୁଁ ଜାପାନରେ ଥିଲା ବେଳେ ସିଏ ଓଡ଼ିଶାରେ ରହି ମୋର ସବୁ କାମ ବୁଝିଥାନ୍ତି ଆଉ ମୁଁ ଓଡ଼ିଶାରେ ଥିଲେ ସିଏ ଜାପାନ ଆସି ଏଠି ମୋର ଦାୟିତ୍ୱ ସବୁ ସମ୍ଭାଳି ନିଅନ୍ତି। ତା'ସହିତ ଆମ ଓଡ଼ିଶାର ସଂସ୍କୃତି ବିଷୟରେ ତାଙ୍କୁ ଏମିତି କେଉଁ କଥା ଜଣାନାହିଁ, ଯାହା କି ଜଣେ ଓଡିଆ ଝିଅ ଜାଣିଥିବ। ଏମିତି କି ଆମର ପୁଅ ଶାନ୍ତ ଦାଶକୁ ମଧ୍ୟ ମିଚିକୋ ଓଡିଶା ଓ ଜାପାନର ସଂସ୍କୃତି ବିଷୟରେ ଅନେକ କଥା ଶିଖାଇ ଦେଇଛନ୍ତି। ତେଣୁ ମିଚିକୋଙ୍କୁ ନେଇ ମୁଁ ଗର୍ବ କରିଥାଏ। ମୁଁ କେବେ ବି ମନରେ ଭାବିନି ଯେ, ନିଜ ଧର୍ମ କିମ୍ବା ଜାତିରେ ବାହା ହେଲେ ହିଁ ସମ୍ପର୍କ ଦୃଢ ହେବ।
ମୋ ମତରେ ସମ୍ପର୍କ ସେଠି ଦୃଢ ହୁଏ,
ଯେଉଁଠି ପରସ୍ପର ଭିତରେ
ଉ ତ୍ତ ମ





ବୁଝାମଣା ରହିଥାଏ, ତେଣିକି ସେ ନିଜ ଦେଶର ଝିଅ ହେଉ କିମ୍ବା ବିଦେଶିନୀ। ତା'ଛଡ଼ା ମୁଁ ଜାଣିଛି, ଯଦି ଜଣେ ବିଦେଶିନୀକୁ ବାହା ହୋଇ ତାଙ୍କ ସହିତ ଆମେ ଉତ୍ତମ ସମ୍ପର୍କ ରଖିପାରିବା ତା'ହେଲେ ସେହି ମାଧ୍ୟମରେ ଦୁଇ ଦେଶ ଭିତରେ ମଧ୍ୟ ସମ୍ପର୍କ ଦୃଢ଼ୀଭୂତ ହୋଇପାରିବ।''

## ରୁଷିଆ ଝିଅ ହେଲେ ଓଡ଼ିଆ ଘରର ବୋହୂ

ପୁରୀ ବାଲିସାହି ଗଛକାଳି ଲେନ୍‌ର ବାସିନ୍ଦା ହେଲେ ଶକ୍ତିପ୍ରସାଦ ନାଥ। ଡ. ପ୍ରଫୁଲ୍ଲ କୁମାର ନାଥ ଓ ମାଳତୀ ନାଥଙ୍କର ସେ ଚତୁର୍ଥ ସନ୍ତାନ। ବ୍ରାହ୍ମଣ କୁଳରେ ତାଙ୍କର ଜନ୍ମ। ଗ୍ରାଜୁଏଶନ୍ ଶିକ୍ଷା ପରେ କିଛିଦିନ କଣ୍ଟ୍ରାକ୍ଟ କାମ କରିଥିଲେ, ଆଉ ଏବେ ୬/୭ ବର୍ଷ ହେବ ନିଜର ଏକ ଟ୍ରାଭେଲ୍ ଏଜେନ୍ସି କରି ପରିବାର ପ୍ରତିପୋଷଣ କରୁଛନ୍ତି। ସ୍ୱଭାବରେ ଶକ୍ତିପ୍ରସାଦ ଜଣେ ବନ୍ଧୁବତ୍ସଳ ବ୍ୟକ୍ତି। ଏମିତିରେ ରୁଷିଆର ଜଣେ ବ୍ୟକ୍ତିଙ୍କ ସାଙ୍ଗରେ ତାଙ୍କର ଦିନେ ପରିଚୟ ହେଲା। କ୍ରମେ ସମ୍ପର୍କ ବନ୍ଧୁତାର ରୂପ ନେଲା। ଅନେକ ସମୟରେ ସେହି ବ୍ୟକ୍ତି ଜଣକ ମ୍ୟୁଜିକାଲ୍ ପ୍ରୋଗ୍ରାମ କରିବା ପାଇଁ ତାଙ୍କ ଗ୍ରୁପ୍ ଧରି ପୁରୀ ଆସୁଥିଲେ। ସେ ଯେବେ ବି ଆସନ୍ତି ଶକ୍ତିପ୍ରସାଦ ତାଙ୍କୁ ଦେଖାକରିବାକୁ ଯାଆନ୍ତି, ଆଉ ତାଙ୍କ ମ୍ୟୁଜିକାଲ୍ ପ୍ରୋଗ୍ରାମ ଆରେଞ୍ଜମେଣ୍ଟ କରିବାରେ ତାଙ୍କୁ ଅନେକ ସାହାଯ୍ୟ ବି କରିଥାନ୍ତି। ୨୦୧୦ ମସିହାରେ ଏମିତି ଏକ ମ୍ୟୁଜିକାଲ୍ ପ୍ରୋଗ୍ରାମର ଆୟୋଜନ ପୁରୀରେ ହୋଇଥିଲା। ଆଉ ସେହି ସମୟରେ ରୁଷିଆରୁ ଯେଉଁମାନେ ପୁରୀ ବୁଲିବାକୁ ଆସିଥିଲେ, ସେମାନଙ୍କର ଡାଟା ସଂଗ୍ରହ କରି ଏହି ପ୍ରୋଗ୍ରାମକୁ ଆମନ୍ତ୍ରିତ କରାଯାଇଥିଲା। ଉକ୍ତ ପ୍ରୋଗ୍ରାମରେ ଲ୍ୟୁବୋଭ୍ ଆରେସ୍କିନା ନାମ୍ନୀ ଜଣେ ରୁଷିଆ ଯୁବତୀଙ୍କ ସହ ଶକ୍ତିପ୍ରସାଦଙ୍କର ପରିଚୟ ହେଲା। ସେତେବେଳେ ଲ୍ୟୁବୋଭ୍ ଜଣେ ବାନ୍ଧବୀଙ୍କ ସହ ୫ଦିନ ପାଇଁ ପୁରୀ ବୁଲିବାକୁ ଆସିଥାନ୍ତି। ଆଉ ସେହି ୫ଦିନ ଭିତରେ ଲ୍ୟୁବୋଭ୍ ଓ ଶକ୍ତିପ୍ରସାଦଙ୍କ ମଧ୍ୟରେ ୨/୩ଥର ଦେଖାସାକ୍ଷାତ ବି ହୋଇଥିଲା। ସାମାନ୍ୟ କଥାବାର୍ତ୍ତାରୁ ଉଭୟଙ୍କ ଭିତରେ ପରିଚିତି ବଢ଼ିବାରୁ ସେମାନେ ପରସ୍ପରର ଫୋନ୍ ନମ୍ବର ଶେୟାର କରିଥିଲେ। ଲ୍ୟୁବୋଭ୍ ରୁଷିଆ ଫେରିଯିବା ପରେ ତାଙ୍କ ପକ୍ଷରୁ ପ୍ରଥମେ ଫୋନ୍ କଲ୍ ଆସିଥିଲା ଶକ୍ତିପ୍ରସାଦଙ୍କ ପାଖକୁ। ବାସ୍ ଫୋନ୍‌ରେ ଦୁଇ ତିନି ଥର କଥାବାର୍ତ୍ତା ପରେ ଲ୍ୟୁବୋଭ୍ ଶକ୍ତିପ୍ରସାଦଙ୍କୁ ଭଲପାଇ ବସିଥିଲେ, ଆଉ ବିବାହ ପାଇଁ ସେ ପ୍ରଥମେ ପ୍ରସ୍ତାବ ଦେଇଥିଲେ। ଅନ୍ୟପକ୍ଷେ ଶକ୍ତିପ୍ରସାଦ ବି ଲ୍ୟୁବୋଭ୍‌ଙ୍କୁ ପସନ୍ଦ କରୁଥିଲେ ମଧ୍ୟ ଏତେ ବଡ଼ ନିଷ୍ପତ୍ତି ନେବାକୁ ସାହସ କରିପାରୁ ନ ଥିଲେ। କ୍ରମେ ଉଭୟ ସେମାନଙ୍କର ଏହି ନିଷ୍ପତ୍ତି ବିଷୟରେ ପରସ୍ପରର ପରିବାର ଲୋକଙ୍କୁ ଜଣାଇଲେ। ଲ୍ୟୁବୋଭ୍‌ଙ୍କ ପରିବାର ପକ୍ଷରୁ କିଛି ଆପତ୍ତି ନ ଥିଲେ ମଧ୍ୟ ଯେହେତୁ ଶକ୍ତିପ୍ରସାଦଙ୍କର ବଡ଼ ଭଉଣୀଭାଇ କେହି ବାହା ହୋଇ ନ ଥିଲେ, ସେଥିପାଇଁ ସେମାନଙ୍କୁ କିଛିଦିନ ଅପେକ୍ଷା କରିବାକୁ ପଡ଼ିଥିଲା। ତା'ପରେ ସେମାନେ କୋର୍ଟ ମ୍ୟାରେଜ କରିବାକୁ ସ୍ଥିର କଲେ, ଏଥିରେ ଉଭୟଙ୍କ ପରିବାର ଲୋକେ ବି ରାଜି ହେଲେ। ଡିସେମ୍ବର ୨୧, ୨୦୧୧ରେ ପୁରୀ କୋର୍ଟରେ ସେମାନଙ୍କର ବିବାହ ହେଲା। ଶକ୍ତିପ୍ରସାଦଙ୍କ ଭାଇଭଉଣୀଙ୍କର ବାହାଘର ହୋଇ ନ ଥିବାରୁ ବନ୍ଧୁବାନ୍ଧବ କିମ୍ବା ସାହି ପଡ଼ିଶାରେ କାଳେ କିଏ କ'ଣ କହିବେ, ସେଥିପାଇଁ ସେମାନେ ଆପାର୍ଟମେଣ୍ଟ ଭଡ଼ା ନେଇ ବାହାରେ ରହିଲେ। ମଝିରେ ମଝିରେ ଘରକୁ ବୁଲିବାକୁ ବି ଯାଉଥିଲେ। ଯେହେତୁ ଲ୍ୟୁବୋଭ୍ ରୁଷିଆରେ ଟେକ୍ନିକାଲ୍ ଇଞ୍ଜିନିୟର ଭାବେ କାମ କରନ୍ତି, ତେଣୁ ତାଙ୍କୁ ଅଧିକାଂଶ ସମୟ ସେଠାରେ ରହିବାକୁ ପଡୁଥିଲା। ଯେବେ ଟିକେ ଛୁଟି ମିଳୁଥିଲା, ସେ ପୁରୀ ଆସି ସ୍ୱାମୀ ଶକ୍ତିପ୍ରସାଦଙ୍କ ସହ ଆପାର୍ଟମେଣ୍ଟ ଭଡ଼ା କରି ରହୁଥିଲେ। ଶାଶୁଘରକୁ ବି ବୁଲି ଯାଉଥିଲେ। ଏମିତିରେ ୨୦୧୩ରେ ସେମାନଙ୍କର ଭସିଲିଶା ନାଥ (ଦିଶା) ନାମ୍ନୀ ଝିଅଟିଏ ଜନ୍ମ ହେଲା। ଝିଅକୁ ମାସେ ହେବା ପରେ ଲ୍ୟୁବୋଭ୍ ରୁଷିଆରୁ ଝିଅକୁ ଧରି ଓଡ଼ିଶା ଆସିଲେ ଏବଂ ଶାଶୁଘରେ ଯାଇ ପୂରା ରହିଲେ। ସେତେବେଳେ ଶାଶୁଘର ଲୋକେ ତାଙ୍କୁ ସାଦରେ ଗ୍ରହଣ କରିନେଲେ।


ପତ୍ନୀ ବୃନ୍ଦାଙ୍କ ସହ ଅବିନାଶ



ପତ୍ନୀ ମିଚିକୋଙ୍କ ସହ କୁନା

ସେବେଠାରୁ ଲ୍ୟୁବୋଭ୍ ଯେବେ ବି ଛୁଟିରେ ଆସନ୍ତି, ଶାଶୁଘର ଲୋକଙ୍କ ସ୍ନେହ ଆଦରରେ ଝିଅ ପରି ଚଳିଥାନ୍ତି। ତାଙ୍କ ଭିତରେ ଆମ ଓଡ଼ିଶା ସଂସ୍କୃତି ଓ ପରମ୍ପରା ପାଇଁ ଯଥେଷ୍ଟ ସମ୍ମାନ ରହିଛି। ଏ ନେଇ ଶକ୍ତିପ୍ରସାଦ କୁହନ୍ତି: ''ଲ୍ୟୁବୋଭ୍ ଆଗରୁ ଓଡ଼ିଆ ଜମା କହିପାରୁ ନ ଥିଲେ କି ବୁଝିପାରୁ ନ ଥିଲେ। କିନ୍ତୁ ଏବେ ପ୍ରାୟ କଥା ବୁଝିପାରୁଛନ୍ତି। ଏମିତି କି ଆମ ଝିଅକୁ ମୁଁ ପଢ଼ିଥିବା ପୁରୀ କନ୍‌ଭେଣ୍ଟ ସ୍କୁଲରେ ପଢ଼ାଇବାକୁ ମୋତେ ରାଜି କରାଇ ତା'ର ଆଡମିଶନ୍ ବି ସେ କରାଇ ଦେଇଛନ୍ତି। ଏବେ ଆମ ଦିଶା ଏହି ସ୍କୁଲରେ ଷ୍ଟାଣ୍ଡାର୍ଡ- ୧ରେ ପଢୁଛି। ତା' ପାଠପଢ଼ାର ସମସ୍ତ ଦାୟିତ୍ୱ ଲ୍ୟୁବୋଭ୍ ବୁଝିଥାନ୍ତି। ଇଂଲିଶ ସହିତ ଝିଅକୁ ଓଡ଼ିଆ ଶିଖାଇବାକୁ ମଧ୍ୟ ସେ ଅନେକ ଚେଷ୍ଟା କରିଥାନ୍ତି। ସେଥିପାଇଁ ସେ ନିଜେ ଏବେ ଓଡ଼ିଆ ଅକ୍ଷର ଶିଖିବା ଓ ଲେଖିବା ସହ ଝିଅକୁ ବି ଓଡ଼ିଆ ଲେଖାଉଛନ୍ତି। ବେଳେବେଳେ ଅକ୍ଷର ଚିହ୍ନିବାରେ କିଛି ଅସୁବିଧା ହେଲେ ମୁଁ ସେମାନଙ୍କୁ ସାହାଯ୍ୟ କରିଦେଉଛି। ଏଥିସହିତ ମୋ ମାମା (ଏବେ ଆଉ ନାହାନ୍ତି) ଯେତେବେଳେ ଥିଲେ, ତାଙ୍କୁ ଦେଖି ଦେଖି ଛୁରିରେ ପରିବା କାଟିବା, ଭାତ, ଡାଲି, ଘାଣ୍ଟ ତରକାରି, ଆଳୁଭଜା ଆଦି ଖାଦ୍ୟ ପ୍ରସ୍ତୁତ କରିବା ସେ ଶିଖିଯାଇଛନ୍ତି। ତା'ସହିତ ବିଭିନ୍ନ ପର୍ବପର୍ବାଣିରେ ସେ ମୁରୁଜରେ ବିଭିନ୍ନ ଝୋଟି ମଧ୍ୟ ପକାଇ ପାରନ୍ତି। କିନ୍ତୁ ଚାଉଳ ବଟାରେ ଚିତା ପକାଇବା ତାଙ୍କୁ ଆସେନାହିଁ। ସେ ଏତେ ଆମିଷ ଖାଇବାକୁ ଭଲ ପାଆନ୍ତି ନାହିଁ। କିନ୍ତୁ ମୋର ଆମିଷ ଭାରି ପସନ୍ଦ। ମୋଠାରୁ ଆମିଷ ରୋଷେଇ ଶିଖି ଯା' ଭିତରେ ଅନେକ ଥର ମୋ ପରିବାର ଲୋକଙ୍କ ପାଇଁ ମାଛ, ଚିକେନ୍, ଚିଙ୍ଗୁଡ଼ି ଆଉ କଙ୍କଡ଼ା ତରକାରି ସେ କରିସାରିଲେଣି। ତେବେ ଓଡ଼ିଆ ଘରର ବୋହୂମାନଙ୍କ ପରି ତାଙ୍କୁ ଶାଢ଼ି ପିନ୍ଧି ଆସେନି ସତ କିନ୍ତୁ ବିଭିନ୍ନ ପୂଜାପର୍ବକୁ ପାଳନ କରିବା, ସାନଙ୍କୁ ସ୍ନେହଆଦର ଦେବା ଏବଂ ବଡ଼ମାନଙ୍କୁ ସମ୍ମାନ ଦେବାରେ ସେ କେବେ ବି ହେଳା କରନ୍ତି ନାହିଁ। ପ୍ରଭୁ ଜଗନ୍ନାଥଙ୍କୁ ସେ ଖୁବ୍ ଭକ୍ତି କରନ୍ତି। ଯେବେ ବି ଓଡ଼ିଶା ଆସନ୍ତି, ମୋ ସାଙ୍ଗରେ ଯାଇ ସେ ବଡ଼ଦାଣ୍ଡରୁ ପତିତପାବନଙ୍କୁ ଦର୍ଶନ କରିଥାନ୍ତି। ସେହିପରି ମନ୍ଦିରର ଅବଢ଼ାରେ ତାଙ୍କର ଭାରି ଲୋଭ। ତେଣୁ ଅନେକ ସମୟରେ ଅବଢ଼ା କିଣିଆଣି ଆମେ ଘରେ ଖାଇଥାଉ। ଜଣେ ବିଦେଶିନୀ ହୋଇ ବି ଲ୍ୟୁବୋଭ୍ ଆମ ସଂସ୍କୃତି ଓ ପରମ୍ପରାକୁ ଏତେ ଭଲ ଭାବେ ବୁଝିବା ସହ ମୋ ପରିବାର ଲୋକଙ୍କୁ ଆପଣାର କରି ନେଇଥିବାରୁ ମୁଁ ତାଙ୍କ ପାଇଁ ଖୁବ୍ ଗର୍ବିତ।''

## ଆମେରିକୀୟ ବୋହୂ ପାଇଁ ଶ୍ୱଶୁର ଖୁବ୍ ଗର୍ବିତ

କଟକ ଚୌଦ୍ୱାରରେ ପ୍ରକୃତ ଘର ହୋଇଥିଲେ ହେଁ ଆଜକୁ ପ୍ରାୟ ୩୦ ବର୍ଷ ହେବ ଖୋର୍ଦ୍ଧା ଜିଲାର ବାଲୁଗାଁରେ ସପରିବାରେ ରହି ଆସୁଛନ୍ତି ଅଶୋକ ସାହୁ। ଅବିନାଶ ନାମରେ ତାଙ୍କର ଜଣେ ପୁଅ ଅଛନ୍ତି, ଯିଏ କି ଜଣେ ଇସ୍କନ ଭକ୍ତ। ଠାକୁରଙ୍କ ଉପରେ ରହିଛି ତାଙ୍କର ଗଭୀର ଆସ୍ଥା ଓ ବିଶ୍ୱାସ। ଏହି ବିଶ୍ୱାସ ହିଁ ତାଙ୍କୁ ଏମିତି ଜଣେ ଜୀବନସାଥୀ ସାଙ୍ଗେ ଯୋଡ଼ି ଦେଇଛି, ଯାହାଙ୍କ ଚିନ୍ତାଧାରା ଅବିନାଶଙ୍କ ଭାବନା ସହ ପୂରା ମିଶୁଛି। ସେ ହେଲେ ରିଚେଲ୍ ବେଟୀବେୟର୍, ଆମେରିକାର ମିଚିଗାନ୍ ସିଟିର ଝିଅ। ଜଣେ ବିଦେଶିନୀ ହୋଇ ମଧ୍ୟ ଭାରତୀୟ ସଂସ୍କୃତି ପ୍ରତି ତାଙ୍କର ରହିଛି ଯଥେଷ୍ଟ ଶ୍ରଦ୍ଧା ଆଉ ସମ୍ମାନ। ଅବିନାଶଙ୍କ ପରି ସେ ବି ଜଣେ ଇସ୍କନ ଭକ୍ତ। ଅବିନାଶ ମାଷ୍ଟର ଡିଗ୍ରୀ କରିବାକୁ ଆମେରିକା ଯାଇଥିଲାବେଳେ ଫେସ୍‌ବୁକ ଜରିଆରେ ଉଭୟଙ୍କର ପରିଚୟ ହେଲା। ପରସ୍ପରର ମନ ଓ ଭାବନା ମିଶିବାରୁ ସେମାନେ ବିବାହ କରିବାକୁ ସ୍ଥିର କଲେ। ଉଭୟଙ୍କ ପରିବାର ଲୋକଙ୍କୁ ଏ ବିଷୟରେ ଜଣାଇବାରୁ କେହି ରାଜି ହେଲେନି। ସେତେବେଳେ ଅବିନାଶ ଯେହେତୁ ପଢୁଥିଲେ ଆଉ ଆମେରିକାର ନାଗରିକ ନଥିଲେ, ତେଣୁ ରିଚେଲଙ୍କ ମା' ଏହି ପ୍ରସ୍ତାବକୁ ଆଦୌ ଗ୍ରହଣ କରୁ ନ ଥିଲେ। ଅନ୍ୟପକ୍ଷେ ଅବିନାଶଙ୍କ ବାପା ଜଣେ ବିଦେଶିନୀକୁ ବୋହୂ ଭାବେ ଗ୍ରହଣ କରିବାକୁ ଇଚ୍ଛୁକ ନ ଥିଲେ। ତାଙ୍କର ଧାରଣ ଥିଲା ଆମ ଓଡିଆଙ୍କ ଚାଲିଚଳଣି, ସଂସ୍କୃତି ଓ ପରମ୍ପରା ସହ ସେହି ଆମେରିକୀୟ ଝିଅ କ'ଣ ଖାପ୍ ଖୁଆଇ ଚଳିପାରିବ। ହେଲେ ହଠାତ୍ ସବୁ କିଛି ବଦଳି ଗଲା। ଯେହେତୁ ଅବିନାଶ ଓ ରିଚେଲ୍ ଖୁବ୍ ଈଶ୍ୱର ବିଶ୍ୱାସୀ ଥିଲେ, ତେଣୁ ସେମାନଙ୍କ ସମ୍ପର୍କକୁ ସ୍ୱୀକୃତି ଦେବା ପାଇଁ ଭଗବାନ ସେମାନଙ୍କୁ ସହାୟ ହେଲେ। ଜାଣିଲେ ଆଶ୍ଚର୍ଯ୍ୟ ହେବେ, ପ୍ରଭୁ ଜଗନ୍ନାଥ ପ୍ରଥମେ ରିଚେଲ୍‌ଙ୍କ ମା'ଙ୍କୁ ସ୍ୱପ୍ନାଦେଶ ହୋଇ କହିଲେ, ମୁଁ ମୋ ଝିଅକୁ ମୋ ଦେଶକୁ ନେବାକୁ ଚାହୁଁଛି, ତୁ କାହିଁକି ବିରୋଧ କରୁଛୁ। ସେଠି ତୋ ଝିଅ ବେଶ୍ ଖୁସିରେ ରହିବ। ଏହାର କିଛିଦିନ ପରେ ଅବିନାଶଙ୍କ ବାପାଙ୍କ ସ୍ୱପ୍ନରେ ମଧ୍ୟ ମହାପ୍ରଭୁ ଆସି କହିଲେ, ରିଚେଲ୍ ହେଉଛି ମୋର ପରମ ଭକ୍ତ, ତା'ର ଇଚ୍ଛା ଅଛି ମୋ ପାଖକୁ ଆସିବା ପାଇଁ। ତୁ କାହିଁକି ସେଥିରେ ବାଧକ ସାଜୁଛୁ। ମୁଁ ଯେଉଁ ଝିଅକୁ ତୋ ପୁଅ ପାଇଁ ଠିକ୍ କରିଛି, ତା'ଠାରୁ ଭଲ ଝିଅ କ'ଣ ତୁ ଖୋଜିପାରିବୁ। ବାସ୍ ଏହି ଘଟଣା ପରେ ଉଭୟଙ୍କ ପରିବାର ଲୋକେ ଏହି ବାହାଘର ପାଇଁ ରାଜି ହୋଇଥିଲେ। ମେ ୨୦, ୨୦୧୫ରେ ଭୁବନେଶ୍ୱର ଟଙ୍କପାଣି ରୋଡ୍‌ସ୍ଥିତ ଜଗନ୍ନାଥ ଆଶ୍ରମରେ ହିନ୍ଦୁ ରୀତିନୀତିରେ ସେମାନଙ୍କ ବାହାଘର ସମ୍ପନ୍ନ ହେଲା। ବାହାଘର ପରେ ରିଚେଲ୍‌ଙ୍କ ଶାଶୁଘର ଲୋକେ ତାଙ୍କୁ ସ୍ନେହରେ 'ବୃନ୍ଦା' ଡାକିଲେ। ବୃନ୍ଦା ଏବେ ଅବିନାଶଙ୍କ ସହ ଆମେରିକାରେ ରହୁଛନ୍ତି। ଅବିନାଶ ସେଠାରେ ବ୍ୟାଙ୍କ ଅଫ୍ ଆମେରିକାର ଚିଫ୍ ମ୍ୟାନେଜର ଭାବେ କାର୍ଯ୍ୟ କରୁଛନ୍ତି। ବୃନ୍ଦା ସ୍ୱାମୀଙ୍କ ଦେଖାଚାହାଁ ପାଇଁ ବାଧ୍ୟ ହୋଇ ସେଠାରେ ରହିଛନ୍ତି ସିନା, ହେଲେ ତାଙ୍କର ମନ ଓଡ଼ିଶାରେ ରହିଯାଇଛି। ଯେବେ ବି ଛୁଟିମିଳେ, ସେମାନେ ବାଲୁଗାଁକୁ ବୁଲି ଆସନ୍ତି। ଓଡିଆ ଘରର ଗୃହିଣୀଙ୍କ ପରି ବୃନ୍ଦା ମୁଣ୍ଡରେ ଓଢଣା ଦେଇ ଶାଶୁଶ୍ୱଶୁରଙ୍କ ସେବା କରିବା ସହ ପୂଜାପାଠ ବି କରିଥାନ୍ତି। ଶାଶୁଙ୍କଠାରୁ ଶିଖିଶିଖି ସେ ଅନେକ ଓଡ଼ିଶା ଖାଦ୍ୟ ବି ତିଆରି କରିବା ଜାଣିଗଲେଣି। ୟା' ଭିତରେ ତାଙ୍କର 'ନଦିଆ' ନାମ୍ନୀ ଝିଅଟିଏ ହୋଇସାରିଲାଣି। ଆମେରିକାରେ ଥିଲେ ବି ଉଭୟ ଅବିନାଶ ଓ ବୃନ୍ଦା ପ୍ରତିଦିନ ଠାକୁରଙ୍କୁ ପୂଜା କରିଥାନ୍ତି। ଯାହା ବି ରୋଷେଇ ହୋଇଥାଏ, ପ୍ରଥମେ ପ୍ରଭୁଙ୍କୁ ସମର୍ପଣ କରିବା ପରେ ଖାଇଥାନ୍ତି। ଏ ନେଇ ବୃନ୍ଦାଙ୍କ ଶ୍ୱଶୁର ଅଶୋକ ସାହୁ କୁହନ୍ତି, 'ଦିନେ ମୋର ବୃନ୍ଦାଙ୍କ ବିଷୟରେ ଭୁଲ୍ ଧାରଣା ଥିଲା ଯେ, ଜଣେ ଆମେରିକୀୟ ଝିଅ ହୋଇ ଆମ ସଂସ୍କୃତି, ଆମ ପରମ୍ପରାକୁ କେତେ ଦୂର ବୁଝିପାରିବେ। କିନ୍ତୁ ସେ ମୋର ବୋହୂ ହେବା ପରେ ସେ ଭୁଲ୍ ଧାରଣା ମୋର ଦୂରେଇ ଗଲା। ବୃନ୍ଦା ଖୁବ୍ ସ୍ନେହୀ, ସରଳ ଆଉ ଶାନ୍ତ। ସିଏ ଯେତିକି ଆମ ସଂସ୍କୃତି ଓ ପରମ୍ପରା ବିଷୟରେ ଜାଣିଛନ୍ତି, ହୁଏତ ଖୁବ୍ କମ୍ ଓଡ଼ିଆ ଝିଅ ସେତିକି ଜାଣିଥିବେ। ଜାଣିଲେ ଆଶ୍ଚର୍ଯ୍ୟ ହେବେ, ଭଗବତ୍ ଗୀତା ତାଙ୍କର ପୂରା ମୁଖସ୍ଥ। ଓଡିଶା ଆସିଲେ ସିଏ ଆମ କଥା ଯେମିତି ବୁଝିଥାନ୍ତି, ଆମେମାନେ ଆମେରିକା ଗଲେ ଠିକ୍ ସେମିତି ଆମର ଆଦର କରିଥାନ୍ତି। ସତରେ ଜଣେ ବିଦେଶିନୀ ଝିଅ ପାଖରୁ ଏମିତି ଆଚରଣ ଆଶା କରିବା ହୁଏତ ବିରଳ ହୋଇପାରେ। ତେଣୁ ମୁଁ ମୋ ବୋହୂ ପାଇଁ ଖୁବ୍ ଗର୍ବିତ।'

–ଅମ୍ରିତା ମିଶ୍ର


ଝିଅ ଦିଶା, ପତ୍ନୀ ଲ୍ୟୁବୋଭଙ୍କ ସହ ଶକ୍ତିପ୍ରସାଦ

# ବଡ଼ଦିନ ନିଆରା ପାଳନ



**ଉପହାର, ଚକୋଲେଟ୍, ଖିଆପିଆ ଓ ବୁଲାବୁଲିରେ ଅଧିକାଂଶ ବଡ଼ଦିନ ପର୍ବ ପାଳନ କରୁଥିବାବେଳେ ଆଉକିଛି ସ୍ଥାନରେ ଏହାର ବ୍ୟତିକ୍ରମ ବି ଦେଖାଯାଏ। ସେଠାରେ ବି ବଡ଼ଦିନ ପର୍ବ ପାଳନ ହୁଏ । କିନ୍ତୁ ଟିକିଏ ନିଆରା ଭାବରେ...**

**ପେପର୍ ଲାଣ୍ଟର୍ନ ପର୍ବ :** ଫିଲିଫାଇନ୍ସର ସାନ୍ ଫର୍ନାଣ୍ଡୋ ସହରରେ ଖ୍ରୀଷ୍ଟମାସ ଉପଲକ୍ଷେ ବଡଦିନର ପୂର୍ବ ସନ୍ଧ୍ୟାରୁ ନିଆରା ପେପର୍ ଲାଣ୍ଟର୍ନର ପର୍ବ ଆରମ୍ଭ ହୋଇଯାଇଥାଏ । ଏହି ଆଲୋକମାଳାର ଉତ୍ସବ ପୃଥିବୀର ସବୁ ସ୍ଥାନର ଲୋକମାନଙ୍କୁ ଆକୃଷ୍ଟ କରିଥାଏ । ଏହି ପର୍ବର ମଜା ନେବାକୁ ମଧ୍ୟ ବହୁ ଆଡୁ ଲୋକଙ୍କର ସୁଅ ଛୁଟେ । ଏଥିରେ ବିଭିନ୍ନ ଗାଁ ଓ ସହରର ଲୋକେ ବିରାଟକାୟ ପେପର୍ ଲାଣ୍ଟର୍ନ ତିଆରି ପ୍ରତିଯୋଗିତାରେ ଭାଗ ନେଇଥାନ୍ତି । ଲାଣ୍ଟର୍ନଗୁଡିକ ବଡ, ଗୋଲାକାର ବ୍ୟାସାର୍ଦ୍ଧ ବିଶିଷ୍ଟ ହୋଇଥାଏ । ଏଥିରେ ଜାପାନୀ କଲର୍ ପେପର୍ ଏବଂ ଆଲୋକ ପାଇଁ କ୍ୟାଣ୍ଡେଲ୍‌ର ବ୍ୟବହାର କରାଯାଏ । କିନ୍ତୁ ଗତବର୍ଷ ୭ମିଟର ଉଚ୍ଚତା ବିଶିଷ୍ଟ ରଙ୍ଗିନ୍ ଇଲେକ୍ଟ୍ରିକ୍ ବଲ୍‌ବ ଦ୍ୱାରା କ୍ୟାଲିଡିଓସ୍କୋପ୍ ଆକାରର ବିରାଟ ଲାଣ୍ଟର୍ନ ଗୁଡିକ ଦୃଷ୍ଟି ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲା ।

**ୟୁଲେ ଗୋଟ୍ :** ୧୯୬୬ ସସିହା ଠାରୁ ସ୍ୱିଡେନ୍, ଗାଭ୍‌ଲେ ଗ୍ରାମରେ ଖ୍ରୀଷ୍ଟମାସ ନିଆରା ଢଙ୍ଗରେ ପାଳନ କରାଯାଉଛି। ନିକଟସ୍ଥ ଦୁର୍ଗ ପାଖରେ ୧୩ମିଟରର ଏକ ବଡ ଛେଳି ଭଳି ପ୍ରତିକୃତି ତିଆରି କରି ତାହାକୁ ଜଳାଯାଏ । ପୂର୍ବେ ଏହି ପରମ୍ପରାକୁ କିଛି ଲୋକ ବନ୍ଦ କରିବାକୁ ଚେଷ୍ଟା କରିଥିଲେ । କିନ୍ତୁ ଅଧିକ ଲୋକ ଏହାକୁ ପସନ୍ଦ କରୁଥିବାରୁ ଏବେ ଯାଏଁ ଏହାକୁ ପାଳନ କରାଯାଉଛି । ଏହାର ଆଲୋକ ଚତୁର୍ଦ୍ଦିଗକୁ ଆଲୋକିତ କରିଥାଏ ଏବଂ ଶୀତଦିନରେ ଏହାର ଉଷ୍ମତା ଉପଭୋଗ କରିବା ପାଇଁ ବହୁତ ଲୋକ ରୁଣ୍ଡ ହୁଅନ୍ତି ।

**କ୍ରାମ୍ପସ୍:** ଅଧା ଛେଳି ଓ ଅଧା ଦାନବ ବେଶ ହୋଇ କିଛି ଲୋକ ଛୋଟ ପିଲାଙ୍କୁ ଡରେଇବା ଓ ଖରାପ ଲୋକଙ୍କୁ ଦଣ୍ଡ ଦେବା –ଏ ହେଉଛି ଅଷ୍ଟିଆ ଖ୍ରୀଷ୍ଟମାସ୍ କ୍ରାମ୍ପସ୍ ପର୍ବ । ଏହି ପର୍ବ ଡିସେମ୍ବରର ପ୍ରଥମ ସପ୍ତାହରୁ ହିଁ ଆରମ୍ଭ ହୋଇଯାଇଥାଏ । ଏଥିରେ ଲୋକମାନେ ବିଚିତ୍ର ଭୂତ ପରି ବେଶ ହୋଇ ଚେନ୍ ଓ ବେଲ୍ ଶବ୍ଦ କରି ଛୋଟ ପିଲାଙ୍କୁ ଡରେଇ ଥାନ୍ତି । ଖାସ୍‌କରି ଦୁଷ୍ଟ ପିଲାଙ୍କୁ ଖୋଜି ସେମାନଙ୍କୁ ଡରାନ୍ତି ।

**ସାଣ୍ଟାଙ୍କ ବେଶ ପାଳନ :** ଆଇସ୍‌ଲାଣ୍ଡରେ ଖ୍ରୀଷ୍ଟମାସ୍ ପାଇଁ ୧୩ ଦିନ ଧରି ୧୩ଜଣ ବ୍ୟକ୍ତି ସାଣ୍ଟା ବେଶ ହୋଇ ରାତିରେ ଘରଘର ବୁଲି ପିଲାମାନଙ୍କୁ ଗିଫ୍ଟସ୍, ଚକ୍‌ଲେଟ୍, ଖେଳନା ଆଦି ବାଣ୍ଟି ଥାନ୍ତି । ଏମାନଙ୍କୁ ୟୁଲେ ଲାଡ କୁହାଯାଏ । ସେଠାକାର ପିଲାମାନେ ମଧ୍ୟ ଘରର ଝରକା ପାଖରେ ସାଣ୍ଟା ପାଇଁ କୌତୁକିଆ ଉପହାର ଓ ଅନ୍ୟ ପାଇଁ ନିଜର ଏକ ହଳ ଜୋତା ଉପହାର ଭାବେ ରଖିଥାନ୍ତି । ସାଣ୍ଟା ବେଶ ହେବାପାଇଁ ଲୋକମାନେ ଖୁବ୍ ଖୁସିରେ ଭାଗ ନେଇଥାନ୍ତି ।

**ନ୍ୟାସ୍‌ନାଲ ଲାଇଟେନିଙ୍ଗ୍:** ଆମେରିକାର ୱାସିଙ୍ଗଟନ୍‌ର ହନୁକାଠାରେ ୧୯୭୯ଠାରୁ ଖ୍ରୀଷ୍ଟମାସ ଉପଲକ୍ଷେ ୯ମିଟର ଉଚ୍ଚତାର ୯ଟି ବଡ ବଡ ମେନୋରା ଲ୍ୟାମ୍ପ(ତ୍ରିଶୂଳ ପରି) ନଅ ଦିନ ଓ ରାତି ଜଳେ । ଏହା ଦେଖିବାକୁ ବହୁତ ସୁନ୍ଦର ଓ ଆକର୍ଷଣୀୟ । ଏଠାରେ ଖାସ୍ ବଡଦିନ ପାଇଁ ଏପରି ଲ୍ୟାମ୍ପର ବ୍ୟବସ୍ଥା କରାଯାଇଥାଏ । ଏହି ଲ୍ୟାମ୍ପ ଜଳିବା ପରେ ଏହାର ଚାରିପାଖରେ ଗୀତ, ନାଚ ଓ ପିଲାମାନଙ୍କ କାର୍ଯ୍ୟକ୍ରମ ଆୟୋଜନ କରାଯାଏ । ଖ୍ରୀଷ୍ଟମାସ ପାଇଁ ଏଠାରେ ଟିକେଟ୍ ଫ୍ରି କରାଯାଇଥାଏ । ଯେମିତିକି ସମସ୍ତେ ଏହି ସ୍ଥାନର ମଜା ନେଇ ପାରିବେ ।







ପ୍ରଥମ ରୋଜଗାର

# ରୋଜଗାର ଟଙ୍କାରେ ମୋ ଆଡମିଶନ ହୋଇଥିଲା



ଶିକ୍ଷାବିତ୍, କବି, ଗାଳ୍ପିକ, ପ୍ରାବନ୍ଧିକ ତଥା ନାଟ୍ୟକାର **ଡ. ତ୍ରିନାଥ ପଟ୍ଟନାୟକ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ନୟାଗଡ଼ ଜିଲାର ଓଡଗାଁରେ ମୋ ଜନ୍ମ। ସ୍ଥାନୀୟ ରଘୁନାଥ ବିଦ୍ୟାପୀଠରୁ ଏକାଦଶ ପାସ୍ କରିବା ପରେ ପୁରୀ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ପଢ଼ି ସେଠାରୁ ସଂସ୍କୃତରେ ପିଜି ସାରିଥିଲି। ସଂସ୍କୃତ ବ୍ୟତୀତ ହିନ୍ଦୀରେ ବି ମୁଁ ରାଷ୍ଟ୍ରଭାଷା ରତ୍ନ ଏବଂ ସାହିତ୍ୟ ରତ୍ନ ପାଇଛି। ତା' ସହିତ ଭାରତୀୟ ତନ୍ତ୍ରଶାସ୍ତ୍ର (ହିନ୍ଦୀ ଭାଷାରେ) ଉପରେ ଥେସିସ୍ ଲେଖି ୧୯୯୫ରେ ଡକ୍ଟରେଟ ଡିଗ୍ରୀ ହାସଲ କରିଛି। ସେଥିପାଇଁ ମୋର ଶିକ୍ଷକତା ଜୀବନ ଏଇ ହିନ୍ଦୀରୁ ଆରମ୍ଭ ହୋଇଛି। ନିଆଳିର କାଳିଆଘାଇସ୍ଥିତ ଏସ୍.ଏସ୍.କେ. ବିଦ୍ୟାପୀଠରେ ୧୯୭୮ରେ ହିନ୍ଦୀ ଶିକ୍ଷକ ଭାବେ ଯୋଗଦେଇ ସେହିଠାରୁ ହିଁ ୨୦୦୯ରେ ଚାକିରିରୁ ଅବସର ନେଇଥିଲି। ତେବେ ଚାକିରି ଜୀବନ ଆରମ୍ଭ ହେବାର ବହୁ ପୂର୍ବରୁ ଅର୍ଥାତ ଦଶମ ଶ୍ରେଣୀରେ ପଢ଼ିଲାବେଳେ 'ପାର୍ବତୀ ତପସ୍ୟା' ନାମରେ ମୋର ଏକ କାବ୍ୟ ପ୍ରକାଶ ପାଇଥିଲା। ଆଉ ଏହାକୁ ଯିଏ ପ୍ରକାଶ କରିଥିଲେ, ସିଏ ଖୁସି ହୋଇ ମୋତେ ସେତେବେଳେ ୨୦୦ ଟଙ୍କା ଦେଇଥିଲେ। କହିବାକୁ ଗଲେ ସେଇଟା ହିଁ ଥିଲା ମୋ ଜୀବନର ପ୍ରଥମ ରୋଜଗାର। ସେହି ଟଙ୍କାଟି ମୋର ସଂସ୍କୃତ ବିଶ୍ୱବିଦ୍ୟାଳୟରେ ଆଡମିଶନ୍ ନେବାରେ ଖର୍ଚ୍ଚ ହୋଇଥିଲା। ତେବେ ଏହି ଲେଖାଲେଖି ପାଇଁ ପ୍ରେରଣା ମୋ ବୋଉଠାରୁ ପାଇଥିଲି। ସପ୍ତମ ଶ୍ରେଣୀରେ ପଢ଼ିଲା ବେଳେ ପ୍ରଥମେ କବିତା ଲେଖିଲି। କ୍ରମେ ଗପ, ପ୍ରବନ୍ଧ, ଉପନ୍ୟାସ, ନାଟକ, କାବ୍ୟ ତଥା ବିବିଧ ଲେଖାମାନ ଲେଖିବା ଆରମ୍ଭ କଲି। ୟା' ଭିତରେ ମୋର ଅନେକ ଗପ, କବିତା ଓ ପ୍ରବନ୍ଧ ବିଭିନ୍ନ ଖବରକାଗଜ ତଥା ପତ୍ରପତ୍ରିକାରେ ପ୍ରକାଶ ପାଇସାରିଲାଣି। ତା'ଛଡା କାବ୍ୟ, କବିତା, ଗପ, ପ୍ରବନ୍ଧ, ଉପନ୍ୟାସ, ନାଟକ, ବାସ୍ତୁଶାସ୍ତ୍ର, ପୁରାଣଶାସ୍ତ୍ର, ରୋଗର ଘରୋଇ ଉପଚାର ତଥା ବିଶିଷ୍ଟ ବ୍ୟକ୍ତିତ୍ୱଙ୍କ ଉପରେ ଆଧାର କରି ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ପୁସ୍ତକ ବି ମୋର ପ୍ରକାଶିତ ହୋଇସାରିଲାଣି। ମୋର ପ୍ରକାଶିତ କେତୋଟି ପ୍ରମୁଖ ପୁସ୍ତକ ମଧ୍ୟରେ ରହିଛି: ବ୍ୟାଘ୍ର ସୁନ୍ଦରୀର ଅଭିସାର, ଶହେଟି ରାତି ଶହେଟି ପ୍ରୀତି, ଚନ୍ଦ୍ରକାନ୍ତା, ଦଗ୍ଧ ଗୋଲାପର କଥା, କାଳିଦାସ ଗ୍ରନ୍ଥାବଳୀ, କବିସୂର୍ଯ୍ୟ ଗ୍ରନ୍ଥାବଳୀ, ଯଦୁମଣି ଗ୍ରନ୍ଥାବଳୀ, ରାଧାନାଥ ଗ୍ରନ୍ଥାବଳୀ, ଦୀନକୃଷ୍ଣ ପଦ୍ୟାବଳୀ, ବାସ୍ତୁଶାସ୍ତ୍ର, ଭାରତୀୟ ସଂସ୍କୃତିରେ ଦେବୀ ଓ ଦେବତା ମହିମା, ଭାରତୀୟ ପୁରାଣ କଥା, ପୁରାଣ ତତ୍ତ୍ୱଶାସ୍ତ୍ର, ଝଡ଼ାଫୁଙ୍କା, ରୁଦ୍ରାକ୍ଷ, ତୁଳସୀ, ଗୃହସ୍ଥ ଗୀତା, ଔଷଧୀୟ ବୃକ୍ଷଲତା, ଆମ ଶରୀରର ରୋଗ, ସରଳ ଯୋଗରୁ ରୋଗ ମୁକ୍ତି, ମହାକବି ମହର୍ଷି ବାଲ୍ମୀକି, ମହାକବି ବ୍ୟାସଦେବ, ଅମ୍ଳାନ ପ୍ରତିଭା ରାଜୀବ ଗାନ୍ଧୀ ଇତ୍ୟାଦି ଅନ୍ୟତମ। ସେହିପରି ଓଡ଼ିଶାର ଲୋକପ୍ରିୟ 'ପୁରାଣ ପତ୍ରିକା'ର ମୁଁ ହେଉଛି ପ୍ରତିଷ୍ଠାତା। ଏପରିକି ଦୀର୍ଘ ୩୫ ବର୍ଷ ଧରି ଏହି ପତ୍ରିକାର ମୁଁ ସମ୍ପାଦନା ଦାୟିତ୍ୱ ମଧ୍ୟ ତୁଲାଇଛି। ତେବେ ଏତିକି କହିବି ଏହି ଲେଖାଲେଖିର ଧାରା ମୋତେ ସମାଜରେ ଏକ ପରିଚିତି ଦେଇଛି, ତେଣୁ ନିଷ୍ପତ୍ତି ନେଇଛି ଜିଇଥିବା ଯାଏ ମୋର କଲମ ଚାଳନାକୁ କେବେ ବି ବନ୍ଦ କରିବି ନାହିଁ। ବର୍ତ୍ତମାନ ମୁଁ ନିଆଳିରେ ବସବାସ କରୁଛି। ଆଉ ସେଠାରେ ମୋର ଏକ ପାଠାଗାର ରହିଛି, ଯେଉଁଥିରେ ଗବେଷଣା ନିମନ୍ତେ ସାତ ହଜାରରୁ ଅଧିକ ବିଭିନ୍ନ ଭାଷାରେ ପୁସ୍ତକ ଅଛି। ଫୁର୍ସତ୍ ସମୟ ମୋର ଏହି ପାଠାଗାରରେ ହିଁ କଟିଥାଏ।

*–ଅନ୍ୱିତା*

ସାଥୀ

# ପ୍ରେମ ଗଣିତ, ସହଜେ ମିଳେନି ମନର ମିତ

**ପ୍ରଶ୍ନ–**ଜଣେ ଝିଅକୁ ମୁଁ ଭଲ ପାଇ ବସିଛି। ହେଲେ ମୁଁ ଶୁଣୁଛି ସେ ମୋତେ ଆନ୍ତରିକଭାବେ ଭଲ ପାଉନାହିଁ। କ'ଣ କରିବି ?

*–ନରେନ୍ଦ୍ର ରାଉତ, ବଲାଙ୍ଗୀର*

**ଉତ୍ତର:** ଯେତେବେଳେ ଆପଣଙ୍କ ମନକୁ ପ୍ରେମର ନିଶା ଘାରିଲା ସେତେବେଳେ ଆପଣ ଆଗପଛ ବିଚାର ନ କରି ଜଣକୁ ପ୍ରେମ କରିବସିଛନ୍ତି। ଯଦି ପ୍ରେମର ଅସଲି ଫର୍ମୁଲା ଆପ୍ଲାଏ କରିଥାଆନ୍ତେ ତେବେ ଆଜି ଏପରି ପ୍ରଶ୍ନ ଆପଣଙ୍କ ମନରେ ଉଙ୍କି ମାରି ନ ଥାନ୍ତା। କଥା କ'ଣ କି–'ସହଜେ ମିଳେନି ମନର ମିତ, ବଡ ଜଟିଳ ଏ ପ୍ରେମ ଗଣିତ'। ଏଣିକି କାହାକୁ ମନ ଦେବା ପୂର୍ବରୁ ପାଣିପାଗ ଏବଂ ପରିସ୍ଥିତିକୁ ଭଲ ଭାବରେ ତର୍ଜମା କରନ୍ତୁ, ତା'ପରେ ଆଗକୁ ପାଦ ବଢ଼ାନ୍ତୁ।

**ପ୍ରଶ୍ନ–**'ଆଇ ଲଭ୍ ୟୁ' କହିଦେଲେ କ'ଣ ପ୍ରେମ ହୋଇଯାଏ। ଏପରି ଧାରଣା କେତେଦୂର ଠିକ୍ ?

*–ଅମରେନ୍ଦ୍ର ସାହୁ, ପୁରୀ*

**ଉତ୍ତର:** ଜଣେ ସୁନ୍ଦରୀ ମନକୁ ଜିଣିବାକୁ ସବୁବେଳେ ମଗଜ ଖଟାନ୍ତୁ। କାଇଦାର ସହ ଫର୍ମୁଲା ଆପ୍ଲାଏ କଲେ ସଫଳତା ମିଳିବା ଚାନ୍ସ ଅଧିକ। 'ଆଇ ଲଭ୍ ୟୁ' କହିଦେଲେ ଯେ ଜଣେ ଝିଅ ଫସିଯିବ ଆଉ ନିଜ ପ୍ରେମ ମିଶନ ସକ୍‌ସେସ୍ ହେବ ସେପରି ଭାବିବା ଭୁଲ। ପ୍ରଥମେ ସେହି ଝିଅର ମନର ପରିଭାଷାକୁ ଭଲ ଭାବରେ ପଢ଼ିବାକୁ ଚେଷ୍ଟା କରନ୍ତୁ। ତରବର ହେଲେ ସବୁକିଛି ଓଲଟ ପାଲଟ ହୋଇଯାଇପାରେ। ବେଳକାଳ ଦେଖି ଏମିତି ପ୍ରପୋଜ କରନ୍ତୁ ଯେମିତି ବହି ଏକାଥରେ ଫିଟ୍ ହୋଇଯିବ।

**ପ୍ରଶ୍ନ–**ପ୍ରେମ କଲେ କାହାକୁ ସଫଳତା ମିଳୁଛି, ହେଲେ ମୁଁ କେବଳ ଧୋକାର ସାମନା କରୁଛି। ଏମିତି କାହିଁକି ହେଉଛି ?

*–ବିକାଶ କୁମାର, ଯାଜପୁର*


**ଉତ୍ତର:** କେବଳ ଭାବିଲେ କି କହିଦେଲେ ଯେ ପ୍ରେମରେ ସଫଳତା ମିଳିବ–ଏପରି ମାନସିକତାଠାରୁ ନିଜକୁ ଦୂରେଇ ରଖନ୍ତୁ। କାରଣ ପ୍ରେମର ନିଶା ଥରେ ଘାରିଲେ ଏହି ରାସ୍ତାରେ ଖାଲଢ଼ିପ ଜଣାପଡି ନ ଥାଏ। ଯେଉଁ ଝିଅକୁ ପ୍ରପୋଜ କରୁଛନ୍ତି ତାହାର ମତିଗତି କ'ଣ ରହିଛି ତାହା କେବେ ଷ୍ଟଡି କରିଛନ୍ତି ? ବୋଧହୁଏ ନା। ନ ହେଲେ ଏମିତି ପ୍ରେମରେ ସବୁବେଳେ ଧୋକାର ସ୍ୱାଦ ଚାଖି ନ ଥାନ୍ତେ। ତେଣୁ ତରତର ନ ହୋଇ ଥଣ୍ଡା ମିଜାସରେ ଆଗାନ୍ତୁ। ଦେଖିଚାହିଁ ପ୍ରେମ ତୀର ମାରନ୍ତୁ, ଯେମିତି ବିନା ହଡଲ୍‌ସରେ ତାହା ସୁନ୍ଦରୀ ମନରେ ବାଜିବ। ଅବଶ୍ୟ ପ୍ରେମରେ ଉତଥାନ ପତନ ରହିଛି–ଆଉ ତାହାକୁ ସାମ୍ନା କରି ଆଗେଇବାର ସାହସ ରଖନ୍ତୁ। ତେବେ ଯାଇ ପ୍ରେମରେ ସଫଳ ହେବେ।

**ପ୍ରଶ୍ନ–**ଅନେକ ଚେଷ୍ଟା କଲିଣି। ହେଲେ ମୋତେ ମୋର ମନଲାଖି ପ୍ରେମିକାଟିଏ ମିଳିଲେ ନାହିଁ ? ମୋତେ କିଛି ଉପାୟ ବତାଇବେ କି ?

*–ସୁଦୀପ କୁମାର, ବରଗଡ*

**ଉତ୍ତର:** ଜଣେ ଝିଅକୁ ଆଖିବୁଜି ପ୍ରେପୋଜ କରିବା ଆଉ ଏଥିରେ ସଫଳ ହେବାର ଯେଉଁ ନିଶା ଆପଣଙ୍କୁ ଘାରିଛି ପ୍ରଥମେ ସେପରି ମାନସିକତାର ପରିବର୍ତ୍ତନ କରନ୍ତୁ। ବୋଧହୁଏ ସେଥିପାଇଁ ଯାହାକୁ ପ୍ରପୋଜ କରୁଛନ୍ତି ସେ ମୁହଁ ମୋଡି ଚାଲିଯାଉଛି। ସବୁବେଳେ ପ୍ରେମର ଅସଲ ଫର୍ମୁଲା ଆପ୍ଲାଏ କରନ୍ତୁ। ବୁଦ୍ଧି ଖଟାଇ ନିଜର ମନ ରାଇଜରେ ପରମାନେଣ୍ଟ ଘର କରି ରହିପାରୁଥିବା ପ୍ରେମିକାଟିଏ ପାଇବାକୁ ବାହାରି ପଡନ୍ତୁ। ଯଦି ସବୁ କିଛି ଠିକ୍ ଠାକ୍ ରହିଲା ତେବେ ଯେକୌଣସି ସମୟରେ ଆପଣଙ୍କ ମନର ମାନସୀ ଆପଣଙ୍କୁ ମିଳିଯାଇପାରେ।





# ହଜମ

–ମନୋଜ କୁମାର ବେହେରା

ଅନୁ..ଅନୁ..ତୁ ଏ କ'ଣ କରୁଛୁ ମା' ? ଛି..,ଛାଡ ତାକୁ..କେତେ ଖରାପ କଥା..ତତେ କେତେ ଥର କହିଛି ମୁଁ, କି ବାସି ଖାଇବା ଦେହ ପାଇଁ ଠିକ୍ ନୁହେଁ ବୋଲି । ଆଉ ତୁ ତାକୁ ଖାଉଛୁ । ଦେହ ଖରାପ ହେଇଯିବ ଯେ! ରଖି ଦେ ସେ ଗୁଲୁଗୁଲାକୁ ସେଇ ଗିନାରେ । ମିନୁ କହିଲା ନିଜ ଝିଅକୁ ।

''ରଖି ଦେବି..ହେଲେ କାହିଁକି ? ତା'ଛଡା ତୁମେ ଏଇ ଗୁଲୁଗୁଲାକୁ କରିବ କ'ଣ ମମି ?''

''ଆରେ..କୁନି ଯେତେବେଳେ ଘର କାମ କରିସାରି ତା' ଘରକୁ ଯିବ ସେତେବେଳେ ତାକୁ ଦେବି । ତା' ପିଲାମାନେ ଖାଇଦେବେ ।''

''ମମି..କୁନି ମାଉସୀଙ୍କୁ ତୁମେ ଏଇ ଗୁଲୁଗୁଲା ଦେବ! ତାଙ୍କ ଛୁଆମାନେ ଯାକୁ ଖାଇଲେ ତାଙ୍କ ଦେହ ଖରାପ ହେଇ ଯିବନି ?''

''ଆରେ ସେ ସବୁ କଥାରେ ତୁ କାହିଁକି ମୁଣ୍ଡ ଖେଳଉଛୁ କହିଲୁ ? ତା'ଛଡା ଗରିବଙ୍କର ପିଲାଙ୍କ ପେଟରେ ସବୁ କିଛି ହଜମ ହେଇଯାଏ ସହଜରେ । ତୁ ଜାଣିନୁ ସେମାନେ ପଥରକୁ ମଧ୍ୟ ଖାଇ ହଜମ କରିଦେବେ ।''

ଅନୁ ଚୁପ୍ ହୋଇଗଲା ମମିଙ୍କ କଥାରେ । ତା'ମୁଣ୍ଡକୁ କିଛି ଉତ୍ତର ଜୁଟୁ ନ ଥିଲା । ତାକୁ ଚୁପ୍ ରହିବା ଦେଖି ମିନୁ ପଚାରିଲା, ''ଆରେ ଚୁପ୍ ହେଇଗଲୁ ଯେ, କ'ଣ କିଛି କହୁନୁ ? କ'ଣ ପାଟିରେ ତାଲା ପଡିଗଲା ନା କ'ଣ ? ବେଡରୁମରୁ ଥାଇ ପଚାରିଲା ମିନୁ ।''

ହାତକୁ ପୋଛି ପୋଛି କୁନି ପଶି ଆସିଲା ରୁମ୍ ଭିତରକୁ ଆଉ କହିଲା, ''ନାଇଁ ମା'..ଅନୁ ମା'ତ ବାହାରକୁ ଚାଲି ଗଲେଣି କେତେବେଳୁ...ମୁଁ ଆପଣଙ୍କ କଥା ଶୁଣୁଥିଲି । ଘରର କାମ ସରିଗଲାଣି ମା' । ଏବେ ମୋତେ ରାତିର ବଳିଥିବା ଗୁଲୁଗୁଲା ଦେଇ ଦିଅନ୍ତୁ । ମୋ ପିଲାମାନେ ତାକୁ ଖାଇଦେବେ ଖୁସିରେ । କାହିଁକି ନା ଆମେ ଗରିବ ନା...ତେଣୁ ଆମେ ସହଜରେ ପଥରକୁ ବି ହଜମ କରିଦେଇ ପାରିବୁ । ଆଉ ଇଏ ତ ସାମାନ୍ୟ ବାସି ଗୁଲୁଗୁଲା... !!''

କୁନିର କଥା ଶୁଣି ନିରୁତ୍ତର ହେଇଗଲା ମିନୁ । ସେ କ'ଣ କହିବ କୁନିକୁ ବୁଝିପାରୁ ନ ଥିଲା...।।

–୨୧୭, ୟୁନିଟ–୯(ଫ୍ଲାଟ)
ବାୟାବାବା ମଠ ଲେନ, ଫୋନ–୭୯୭୮୩୦୬୧୧

# କାଚ କାନ୍ଥ

କାଚ କାନ୍ଥର ଏପାଖରେ ଖରା
ସେ ପାଖରେ କିଛି ଛାଇ
ଆର ପଟେ ଥାଏ ଅମୃତର ଝର
ଏ'ପାଖରେ ମଲା ନଈ ।

ଗୋଟେ ପଟେ ଥାଏ ବହଳ ଅନ୍ଧାର
ଆରପଟେ ଜହ୍ନ ରାତି
ଏପାଖର ରାସ୍ତା ସେପାଖକୁ ମନା
ଅନଳେ ସିଝଇ ଛାତି ।

–ରାଜୀବ ଗୋପାଳ ସ୍ୱାଇଁ

ମାତୃକୁଟୀର, କୁରୁଣ୍ଟି,
ମେରାମଣ୍ଡଳୀ, ଢେଙ୍କାନାଳ
ମୋ–୭୬୮୪୯୮୯୫୫୭

# ମାଟି

– ନାରାୟଣ ସାହୁ

ମାଟି ଉପରେ ଠିଆ ହେଇ ବି
ତା' ଠାରୁ ଅନେକ ଦୂରରେ ମୁଁ
ପଥରର କଟା ଚିହ୍ନ
ପାଦର ଅସହ୍ୟ ଯନ୍ତ୍ରଣା
କ୍ଷତ ସ୍ଥାନେ ଭଣ ଭଣ ମାଛି !

ତା' ପିଠିରେ ଲାଉ ହେଇ
ଘୋଡା ଖେଳ, ହାତୀ ଖେଳ
କେତେ ଯେ ଖେଳିଛି,
ପଡ଼ିଛି, ଘୁଷୁରିଛି, ଦରାଣ୍ଡିଛି
ଶେଷରେ ଦୌଡ଼ିଚି ଗୋଟେ
ରାଜକୁମାର ଭଳି
ମାଟିର ଅଗଣାକୁ ରାଜପ୍ରାସାଦ
ଭାବି ।

ମାଟି କି ଯେ କଥା କୁହେ ?
ମାଟିର କାନ ଅଛି
ଶୁଣିପାରେ ନବଗୁଞ୍ଜରଙ୍କ ସ୍ୱର !
ଆଖି ଅଛି,
ଦେଖିପାରେ ବସନ୍ତ ଋତୁର କଅଁଳ
ଶିଶୁ
ଝଡ଼ିବା ହିଁ ଏକ ହିଁ ଧର୍ମ ଯା'ର !

ତାକୁ ଆକାଶ ଲୋଡା
ମୋତେ ତା' ନ ଥିବା ପଣ !
ତାକୁ ଅସରାଏ ବର୍ଷା ଲୋଡା
ଆଉ ମୋର ଇଚ୍ଛା
ଭୋଗିବାକୁ ଏକ ଶୁଷ୍କ ମରୁଭୂମି
ଧାରେ ଧାରେ କଣ୍ଟା ଯା'ର ବକ୍ଷେ ।


ତା' ଇଶାରାରେ ଉଠ ବସ୍ ହୁଅନ୍ତି
ନଈ,ନାଳ, ହ୍ରଦ ଆଉ ସ୍ଥୂଳ
ପାରାବାର,
ହଁ,
ଲୋଟାଏ ପାଣି ହିଁ ଯଥେଷ୍ଟ ମୋତେ
ଦେହ ମନ ଶୁଦ୍ଧି ହେବା ପାଇଁ ।

ହାତରେ ଧରିଥିବା ପକ୍ଷୀଟିବି
ଉଡ଼ିଯାଉଛି ଆକାଶକୁ,
କେତେ ସନ୍ଧି, ଷଡ଼ଯନ୍ତ୍ର ସେ ଜାଣେ
ଦେଖ !
ମାଟି ତ ତୁଚ୍ଛ !!

ଇତସ୍ତତ, ଖୁବ୍ ଆପଣାର ମୁଁ
ମନୁଆ ରାଜା !
ଏ ମନ ହିଁ ପ୍ରଜା ମୋର
ମାଟି ମୋର ରାଜା ।

–ନୂଆସୁନଗୁଡ, ଯାଜପୁର
ମୋ–୭୬୦୮୦୧୪୦୬୧





## ଫୁଟ୍‌ବଲ୍ ପ୍ରିୟ ଶାହରୁଖ

ନବେ ଦଶକର କଥା। ସେତେବେଳେ ଖେଳାଳି ଏବଂ ବଲିଉଡ୍ ଷ୍ଟାରଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟ୍‌ବଲ ମ୍ୟାଚ ଖେଳାଯାଉଥାଏ। ଶାହରୁଖ, କପିଳ ଦେବ, ଦୀପକ ତିଜୋରି, ସୋହେଲ ଖାଁ ଏଥିରେ ଅଂଶ ଗ୍ରହଣ କରିଥିଲେ। ମ୍ୟାଚ ସମୟରେ ଏକ ମଜାଦାର ଘଟଣାକୁ ଏବେ ମନେ ପକାନ୍ତି ଫୁଟବଲ ପ୍ରିୟ ଶାହରୁଖ। ସେ କହନ୍ତି, 'ଏହି ମ୍ୟାଚ୍ ସମୟରେ କପିଳ ବଲ୍ ସହ ଆମ ଗୋଲପୋଷ୍ଟ ଆଡ଼କୁ ମାଡ଼ି ଆସୁଥାଆନ୍ତି। ଏହା ଦେଖି ମୁଁ ତାଙ୍କୁ ପ୍ରତିହତ କରିବାକୁ ଚେଷ୍ଟା କଲି। ଏପରି କି ତାଙ୍କଠାରୁ ବଲ୍ ଛଡାଇବା ସମୟରେ ମୁଁ ପଡ଼ିଗଲି ଆଉ ମୋ ଗୋଡ଼ରେ ବଲ୍ ବାଜି ଲାଇନ୍ ବାହାରକୁ ଚାଲିଗଲା।'



ପ୍ରିୟଙ୍କା

## ସଜବାଜ ହେଉଛନ୍ତି ପ୍ରିୟଙ୍କା

ବିଦେଶରେ ସିନା ଘର ସଂସାର କଲେ, ହେଲେ ବଲିଉଡ୍ ମୋହକୁ ଭୁଲି ପାରୁନାହାନ୍ତି। ଅବଶ୍ୟ ହଲିଉଡ୍ ସହ ଜଡିତ ଥିବା ସମୟରେ ତାଙ୍କୁ ହିନ୍ଦୀ ସିନେମାରେ ଅଫର ମିଳିଥିଲା। ହେଲେ କେତେକ କାରଣରୁ ସେ ସେଗୁଡ଼ିକୁ ହାତଛଡ଼ା କରିଥିଲେ। ହେଲେ ଏବେ କୁଆଡେ ସେ ପୁଣି ଥରେ ବଲିଉଡ୍ ମୁହାଁ ହେବାକୁ ଚିନ୍ତା କରୁଛନ୍ତି। ହଁ, ସେ ହେଲେ ପ୍ରିୟଙ୍କା ଚୋପ୍ରା। ଏ ନେଇ ସେ କହନ୍ତି, 'ମୁଁ ହଲିଉଡ୍‌ରେ ଅଭିନୟ କରୁଛି ଏକଥା ସତ, ହେଲେ ବଲିଉଡ୍‌କୁ କଦାପି ଭୁଲିପାରିବି ନାହିଁ। ପୂର୍ବରୁ ମୋ ପାଖରେ ସମୟ ନ ଥିଲା। ହେଲେ ଏବେ ଅଫର ମିଳିଲେ ଡେଟ୍ ପାଇଁ କିଛି ସମସ୍ୟା ହେବନାହିଁ। ଯାହା ହେଲେ ବି ମୋ ପ୍ରଶଂସକଙ୍କ ମନ ମୁଁ ଭାଙ୍ଗିପାରିବି ନାହିଁ। ଏହାବ୍ୟତୀତ ମୋର ନିଜସ୍ୱ ପ୍ରଡକ୍ସନ ହାଉସ ରହିଛି। ନୂଆ ସିନେମାଟିଏ ନିର୍ମାଣ କରିବାକୁ ଯୋଜନା କରୁଛି। ସମୟ ଆସିଲେ ଏନେଇ ବିଧିବଦ୍ଧ ଘୋଷଣା କରିବି।' ତେବେ ବଲିଉଡ୍‌ରେ ପ୍ରିୟଙ୍କା କେବେ ତାଙ୍କର ଦ୍ୱିତୀୟ ଇନିଂସ ଆରମ୍ଭ କରୁଛନ୍ତି ତାହା ଆଗାମୀ ସମୟ ହିଁ କହିବ।



## ଅପେକ୍ଷାରେ ମାହି

ପ୍ରଥମେ ବିଜ୍ଞାପନ ଆଉ ତା'ପରେ ଭିଡିଓ ଆଲବମ୍। ଏବେ ତାଙ୍କର ଆଖି ବଡ଼ ପରଦା ଉପରେ। କଥା କେବଳ ଏତିକିରେ ସୀମିତ ହୋଇ ରହିନାହିଁ। ପ୍ରଯୋଜକ ରମେଶ ବାରିକ, ନିର୍ଦ୍ଦେଶକ ରାଜୀବ ମହାନ୍ତି ଏବଂ ଦିଲୀପ ପଣ୍ଡା ତାଙ୍କର ଆଗାମୀ ଫିଲ୍ମରେ ତାଙ୍କୁ ସାଇନ୍ କରାଇବାର ଯୋଜନା ରହିଛି। ସେ ହେଲେ ମେହେର ମହାନ୍ତି ଓରଫ ମାହି। ଖୋର୍ଦ୍ଧାରେ ଜନ୍ମିତା ଏହି ନବାଗତା ନିଜ ସମ୍ପର୍କରେ କହନ୍ତି, 'ଅଭିନୟ ପ୍ରତି ମୋର ପିଲାଟି ଦିନରୁ ଆଗ୍ରହ ଥିଲା। ଶିକ୍ଷା ଶେଷ ହେବା ପରେ ମୋତେ କେତୋଟି ବିଜ୍ଞାପନରେ କାମ କରିବାର ସୁଯୋଗ ମିଳିଥିଲା। ତା'ସହ ଏ ପର୍ଯ୍ୟନ୍ତ ୧୫ଟି ଆଲବମ୍‌ରେ ଅଭିନୟ କରିସାରିଛି। ତେଣୁ କ୍ୟାମେରା ସାମ୍ନା କରିବା ମୋ ପାଇଁ ନୂଆ ନୁହେଁ। କିନ୍ତୁ ବଡ଼ ପରଦାରେ ମୁଖ୍ୟ ନାୟିକା ଭାବରେ ଆକ୍ଟିଂ କରିବା ସହଜ ନୁହେଁ। ତଥାପି ମୋର ନିଜ ଉପରେ ଭରସା ରହିଛି। ଏବେ ମୋ ହାତରେ ୨-୩ଟି ଅଫର ରହିଛି ଏବଂ ଏ ନେଇ କଥାବାର୍ତ୍ତା ଚାଲିଛି। ପ୍ରାୟ ୧୫-୨୦ଦିନ ଭିତରେ ଏ ସମ୍ପର୍କରେ ଫାଇନାଲ ହେବ। କେବଳ ଗୋଟିଏ ଭୂମିକାରେ ମୁଁ ବାନ୍ଧି ହୋଇ ରହିବାକୁ ଚାହେଁନା।' ତେବେ ମେହେର କେବେ ତାଙ୍କର ବଡ଼ ପରଦା କ୍ୟାରିୟର ଆରମ୍ଭ କରୁଛନ୍ତି ତାହା ଆଗକୁ ଜଣାପଡ଼ିବ।

## ହଟ୍ ସିଟ୍‌ରେ ମାଧବନ୍

କଥାରେ ଅଛି-ଏ ମନ ଖୋଜୁଥାଏ ଯାହା କାଳେ ପ୍ରାପତ ହୁଏ ତାହା। ଦେଖୁନାହାନ୍ତି ସେ ଏଭିଳ ଏକ ସୁଯୋଗକୁ ଅପେକ୍ଷା କରି ରହିଥିଲେ। ହେଲେ ତାହା ଯେ ଏତେ ଶୀଘ୍ର ମିଳିଯିବ ସେ ବିଶ୍ୱାସ କରିପାରୁନାହାନ୍ତି। କଥା କ'ଣ କି ଅଭିନେତା ଆର୍. ମାଧବନ୍ 'ରକେଟ୍ରି : ଦ ନାମ୍ବି ଇଫେକ୍ଟ' ସିନେମାର ସହ-ନିର୍ଦ୍ଦେଶକ ଭାବରେ କାମ କରୁଥିଲେ। ହେଲେ କେତେକ କାରଣରୁ ଏହାର ନିର୍ଦ୍ଦେଶକ ଅନନ୍ତ ମହାଦେବନ ନିର୍ଦ୍ଦେଶନାରୁ ଓହରି ଗଲେ। ତେବେ ଏଭଳି ଗୁରୁଦାୟିତ୍ୱ ସମ୍ଭାଳିବ କିଏ ? ଶେଷରେ ମାଧବନ୍‌ଙ୍କ ମୁଣ୍ଡରେ ହାତୀ ସୁନା କଳସ ଢାଳିଥିଲା। ଅର୍ଥାତ୍ ପ୍ରଯୋଜକ ତାଙ୍କୁ ଏହି ସିନେମାର ନିର୍ଦ୍ଦେଶକ ଆସନରେ ବସିବାକୁ କହିବା ପରେ ସେ ଏହାକୁ ଗ୍ରହଣ କରିଥିଲେ। ''ଶୁଟିଂ ଚାଲିଥିବା ସମୟରେ ନିର୍ଦ୍ଦେଶକ ଆମ ହାତ ଛାଡିଦେଲେ। ଆଉ ଏପରି ପରିସ୍ଥିତି ଦେଖି ପ୍ରଯୋଜକ ଅଡୁଆରେ ପଡିଯାଇଥିଲେ। ମୋତେ ଯେତେବେଳେ ସେ ଏ ନେଇ ଆପ୍ରୋଚ୍ କଲେ ତାହାକୁ ମୁଁ ଏଡାଇ ପାରି ନ ଥିଲି। ଅଭିଜ୍ଞତାକୁ ପାଥେୟ କରି ଏହି ଦାୟିତ୍ୱ ତୁଲାଇବି ବୋଲି କହନ୍ତି ମାଧବନ୍।'' ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର ବୈଜ୍ଞାନିକ ତଥା ଏରୋସ୍ପେସ ଇଞ୍ଜିନିୟର ଏସ. ନାମ୍ବି ନାରାୟନନ୍‌ଙ୍କ ଜୀବନୀକୁ ନେଇ ଏହି ଫିଲ୍ମଟି ନିର୍ମାଣ କରାଯାଉଛି।



## ଭଲ ସମୟ ଆସିଛି

ଭୂମିକାଙ୍କ ଖୁସି କହିଲେ ନ ସରେ। କାହିଁକି ଜାଣନ୍ତି ? ଏବେ ତାଙ୍କ ହାତରେ ଅଫର୍ ପରେ ଅଫର୍। ଦେଖୁନାହାନ୍ତି ଗୋଟିଏ ସିନେମାର ଶୁଟିଂ ଶେଷ ହେଉ ହେଉ ଆଉ ଏକ ସିନେମାର ଶୁଟିଂ ଆରମ୍ଭ ହେବାକୁ ଯାଉଛି। ତା' ସହ ସେ ଅଭିନୟ କରିବାକୁ ଯାଉଥିବା ନୂଆ ସିନେମାର ସ୍କ୍ରିପ୍ଟ ପୂଜା ମଧ୍ୟ ନିକଟରେ ଶେଷ ହୋଇଛି। ତପନ ଦାସଙ୍କ ପ୍ରଯୋଜିତ ଏବଂ ରାଜେନ୍ଦ୍ର ମହନ୍ତଙ୍କ ନିର୍ଦ୍ଦେଶିତ ସସ୍‌ପେନ୍ସ ଥ୍ରୀଲର 'ଚକ୍ଷୁଦାନ'ରେ ତାଙ୍କୁ ମିଳିଛି ମନଲାଖି ଭୂମିକା। ଏଥିରେ ତାଙ୍କର ନାୟକ ସାଜିଛନ୍ତି ରାଜ ରାଜେଶ। ଏହାବ୍ୟତୀତ ରମେଶ ବାରିକଙ୍କ ପ୍ରଯୋଜନାରେ ତଥା ଓଲିଉଡ୍‌ର ଗିମିକ୍ ମାଷ୍ଟର ଭାବରେ ପରିଚିତ ସଞ୍ଜୀୟ ନାୟକଙ୍କ ନିର୍ଦ୍ଦେଶନାରେ ଏକ ଭିନ୍ନ ଧରଣର ପ୍ରେମ କାହାଣୀକୁ ଆଧାର କରି ପ୍ରସ୍ତୁତ ହୋଇଥିବା ସିନେମା 'ଆଉ ଗୋଟେ ଲଭ୍ ଷ୍ଟୋରି'ର ଶୁଟିଂ ନିକଟରେ ଶେଷ ହୋଇଛି। ଡବିଂ ଚାଲିଥିବା ଏହି ଫିଲ୍ମରେ ଭୂମିକାଙ୍କ ଅପୋଜିଟ୍‌ରେ ଅଛନ୍ତି ଜ୍ୟୋତି ନାୟକ। ଦେବଜ୍ୟୋତି ପାତ୍ର (ଦୀପୁ)ଙ୍କ ନିର୍ଦ୍ଦେଶନାରେ ଏବଂ ଶିବିର କୁମାର-ବିଭୁବାବୁଙ୍କ ପ୍ରଯୋଜନାରେ ନିର୍ମିତ ହେବାକୁ ଯାଉଥିବା ନୂଆ ଓଡ଼ିଆ ସିନେମା 'ମନ ମୋର କାଗଜ ଗୁଡ଼ି'ର ଶୁଟିଂ ଆରମ୍ଭ ହେବାକୁ ଯାଉଛି। ଏଥିରେ ରାକେଶ ଦେଓ ଏବଂ ଭୂମିକାଙ୍କୁ ମୁଖ୍ୟ ଭୂମିକାରେ ଦେଖିବାକୁ ମିଳିବ। ନିକଟରେ ସେ ସାଇନ୍ କରିଥିବା ନୂଆ ଓଡ଼ିଆ ସିନେମା 'ମନ ମୋର ନେଇ ଗଲୁରେ' (ନିର୍ଦ୍ଦେଶକ-ସଞ୍ଜୀୟ ନାୟକ)ର ସ୍କ୍ରିପ୍ଟ ପୂଜା ଶେଷ ହୋଇଛି। ଏହି ଫିଲ୍ମଗୁଡ଼ିକରେ ଭୂମିକାଙ୍କୁ ମିଳିଛି ଭିନ୍ନ ଭିନ୍ନ ରୋଲ୍, ଯାହାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ସେ।



ଭୂମିକା

## କଷ୍ଟ୍ୟୁମ୍ ଡ୍ରାମା

କ୍ୟାଟ୍ରିନା କୈଫ ଏବେ ନିର୍ମାଣାଧୀନ ନୂଆ ସିନେମା 'ଫୋନ୍ ବୁଥ୍'ର ଶୁଟିଂରେ ବ୍ୟସ୍ତ ଅଛନ୍ତି। ନିକଟରେ ଏହାର ଶୁଟିଂ ସମୟରେ ଏପରି ଏକ ଘଟଣା ଘଟିଥିଲା, ଯାହା ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଛି। ଏକଦା ଏହି ଫିଲ୍ମର କିଛି ଶଟ୍ ଦେବା ପରେ ତାଙ୍କୁ କଷ୍ଟ୍ୟୁମ ଚେଞ୍ଜ କରିବାକୁ ପଡ଼ିଲା। ହେଲେ ସେହି କଷ୍ଟ୍ୟୁମ ଖୋଜିଲା ବେଳକୁ ତାହା ମିଳି ନ ଥିଲା। କ'ଣ କରାଯିବ ? ଅସଲ କଥା ହେଲା ଖୋଜାପଡ଼ିଥିବା କଷ୍ଟ୍ୟୁମଟି ହୋଟେଲ୍‌ରେ ରହିଯାଇଥିଲା। ପୁଣି ହୋଟେଲଟି ଶୁଟିଂ ସେଟ୍ ନିକଟରୁ ପାଖାପାଖି ୨୦ କି.ମି. ଦୂରରେ। ଶେଷକୁ ବାଧ୍ୟ ହୋଇ ଉକ୍ତ ହୋଟେଲରୁ କଷ୍ଟ୍ୟୁମ ଆଣିବାକୁ ଜଣେ ସ୍ପଟ୍ ବୟକୁ ପଠାଯାଇଥିଲା। ହେଲେ ତାହାକୁ ଆଣି ପିନ୍ଧି ଶଟ୍ ଦେଲା ବେଳକୁ ୟୁନିଟ୍‌କୁ ପାଖାପାଖି ତିନି ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥିଲା। ଏ ନେଇ କ୍ୟାଟ୍ରିନା କହନ୍ତି, 'ସେତେବେଳେ ଯେଉଁ କଷ୍ଟ୍ୟୁମ ମୋତେ ପିନ୍ଧିବାକୁ କୁହାଯାଇଥିଲା ତାହା ମିଳି ନ ଥିବାରୁ ତାକୁ ବଦଳାଇ ଆଉ ଏକ କଷ୍ଟ୍ୟୁମ ପିନ୍ଧିବାକୁ ମୁଁ ଚାହିଁଥିଲେ ମଧ୍ୟ ନିର୍ଦ୍ଦେଶକ ଗୁରମିତ୍ ସିଂ ରାଜି ହୋଇ ନ ଥିଲେ। ଶେଷରେ ଦୀର୍ଘ ତିନି ଘଣ୍ଟା ପରେ ଏହି କଷ୍ଟ୍ୟୁମ ଡ୍ରାମା ଶେଷ ହୋଇଥିଲା ଏବଂ ଶୁଟିଂ ଚାଲୁ ରଖିବାକୁ ନିର୍ଦ୍ଦେଶକ ନିର୍ଦ୍ଦେଶ ଦେଇଥିଲେ।' ଏକ୍ସେଲ ଏଣ୍ଟରଟେନମେଣ୍ଟ ବ୍ୟାନରରେ ଏହି ଫିଲ୍ମର ପ୍ରଯୋଜନା କରୁଛନ୍ତି ଆକ୍ଟର-କମ୍-ଫିଲ୍ମମେକର ଫର୍‌ହାନ୍ ଅଖ୍‌ତର୍ ଏବଂ ରିତେଶ ସିଦ୍ଧୱାନି।



କ୍ୟାଟ୍ରିନା

## ପାଠ ପଢ଼ାଇବେ ଶ୍ରଦ୍ଧା

ଶ୍ରଦ୍ଧା କପୁର ଏଣିକି ପାଠ ପଢ଼ାଇବେ। ଏ ନେଇ ସେ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିସାରିଲେଣି। କେହି କେହି ହୁଏତ ଭାବୁଥିବେ ଯେ ଶ୍ରଦ୍ଧା କ'ଣ ଅଭିନୟକୁ ଗୁଡ୍‌ବାୟ କହି ଶିକ୍ଷକତା ଲାଇନ୍‌କୁ ଆପଣେଇ ନେଲେ ? ଅସଲ କଥା ସେଇଆ ନୁହେଁ। ନିକଟରେ ସେ ଏକ ନୂଆ ସିନେମା ସାଇନ୍ କରିଛନ୍ତି, ଯାହାର ଟାଇଟଲ୍ ଫାଇନାଲ ହୋଇନାହିଁ। ଏହି ଫିଲ୍ମଟି ଜଣେ ଶିକ୍ଷୟିତ୍ରୀଙ୍କ ଜୀବନୀକୁ ନେଇ ନିର୍ମିତ ହେବ ଏବଂ ସେହି ଭୂମିକାରେ ଅଭିନୟ କରିବେ ଶ୍ରଦ୍ଧା। ଏ ସମ୍ପର୍କରେ ସେ କହନ୍ତି, 'ଏପରି ଭୂମିକା ବିଷୟରେ ଜାଣିବା ପରେ ପ୍ରଥମେ ମୁଁ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିନେଇଥିଲି। ପାଠ ପଢ଼ାଇବା ସମୟରେ ଜଣେ ଶିକ୍ଷୟିତ୍ରୀ କେଉଁ କେଉଁ ଦିଗ ପ୍ରତି ଅଧିକ ଧ୍ୟାନ ଦେବା ଦରକାର ତାହା ଶିଖିବି। ଏ ନେଇ ଏକ ସ୍କୁଲର ଜଣେ ଶିକ୍ଷୟିତ୍ରୀଙ୍କ ସହ ଆଲୋଚନା କରିଛି। ଏଭଳି ଭୂମିକାକୁ ତୁଲାଇ ପାରିବି ବୋଲି ମୋର ବିଶ୍ୱାସ ରହିଛି।' ହେଲେ ଏହି ସିନେମାରେ ଶ୍ରଦ୍ଧାଙ୍କ ଅପୋଜିଟ୍‌ରେ ନାୟକ କିଏ ହେବେ ତାହା ଫାଇନାଲ ହୋଇନାହିଁ। ଆସନ୍ତା ବର୍ଷ ଫେବୃୟାରୀରେ ଫିଲ୍ମଟି ଫ୍ଲୋର୍‌କୁ ଯିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।



ଶ୍ରଦ୍ଧା

ବଢ଼ିଚାଲିଛି ଉତ୍କଣ୍ଠା। ଗଣାଚାଲିଛି ଦିନ। ବାସ୍ ଆଉ ମାତ୍ର ଦିନ କେଇଟାର ଅପେକ୍ଷା। ଆସିଯିବ ନୂଆ ଏକ ବର୍ଷ, ନୂଆ ସମ୍ଭାବନାକୁ ନେଇ... ଏବେ ସମୟ ପୁରୁଣା ଦିନର ସ୍ମୃତି ସାଉଁଟିବାର। ସଭିଏଁ ନିଜ ନିଜ ପୁରୁଣା କଥା ମନେ ପକାଇବାବେଳେ ଆମେ ବି ଓଲଟାଇ ଦେଖିନେବା ଛୁଟିଦିନର ପୁରୁଣା ଫର୍ଦ୍ଦସବୁ ..

# ସ୍ମୃତିରେ... ୨୦୨୦




## ପ୍ରଚ୍ଛଦ ପ୍ରସଙ୍ଗ

ନିଆରା ପ୍ରସଙ୍ଗକୁ ନେଇ ଉପସ୍ଥାପନା କରାଯାଇଥିଲା ଅନେକ ପ୍ରଚ୍ଛଦ ପ୍ରସଙ୍ଗ, ଯାହା ପାଠକୀୟ ଆଦୃତି ସହ ପାଇଥିଲା ଅନେକ ଭଲ ପାଇବା। ସେମିତି କିଛି ପ୍ରଚ୍ଛଦ ପ୍ରସଙ୍ଗ ସମ୍ପର୍କରେ...

**ପୁରସ୍କାର ପରେ–** ଜୀବନକୁ ବାଜି ଲଗାଇ ଅନେକେ ବିପଦରେ ପଡ଼ିଥିବା ଲୋକଙ୍କୁ ମରଣ ମୁହଁରୁ ଟାଣି ଆଣନ୍ତି। ସେଥିପାଇଁ ଅନେକଙ୍କୁ ମିଳେ ସାହସିକତା ପୁରସ୍କାର। ତେବେ ପରବର୍ତ୍ତୀ ସମୟରେ ଏହି ପିଲାଙ୍କୁ କିଛି ସୁଯୋଗ ମିଳେ କି ନା, ତାକୁ ନେଇ ଥିଲା ଏହି ପ୍ରଚ୍ଛଦ ପ୍ରସଙ୍ଗ।

**ଶିକ୍ଷା ପାଇଁ ତ୍ୟାଗ–** ଆମ ମହାଭାରତୀୟ ସଂସ୍କୃତିରେ ଗୁରୁଙ୍କୁ ଈଶ୍ୱର ଅବା ଈଶ୍ୱରଙ୍କଠୁ ବଡ଼ ଆସନ ଦିଆଯାଇଥାଏ। ଆଜିର ସମାଜରେ ବି କେତେଜଣ ଗୁରୁଙ୍କ ତ୍ୟାଗ ଅତୁଳନୀୟ। ସେହିଭଳି କେତେଜଣ ଗୁରୁଙ୍କ କଥା ଥିଲା ଏହି ପ୍ରଚ୍ଛଦରେ।

**ଓଡ଼ିଶାର ଲୋକବାଦ୍ୟ–** ଓଡ଼ିଶାର ବିଭିନ୍ନ ଅଞ୍ଚଳର ଗାଁ ଗହଳିରେ ରହିଛି ସ୍ୱତନ୍ତ୍ର ଲୋକବାଦ୍ୟ। ଯାହାର ଉତ୍ପତ୍ତି ଆଉ ବଜେଇବାକୁ ନେଇ ରହିଛି ଅନେକ କଥା ଆଉ କାହାଣୀ।




**ବନ୍ଧୁ–** କିଏ କେତେବେଳେ କାହା ସହ ବନ୍ଧୁ ସୂତ୍ରରେ ବାନ୍ଧି ହେବେ ତାହା ବିଧି ନିର୍ଦ୍ଦିଷ୍ଟ ନା ଘଟଣା ମାତ୍ର! ଯିଏ ଯାହା ବୁଝେ ସେଇ ହିସାବରେ ବନ୍ଧୁତା ଆଗେଇ ଚାଲେ। ସେଇଥିପାଇଁ ବୋଧେ କିଛି ବନ୍ଧୁତାର ଆୟୁଷ ବେଶିଦିନ ନ ଥିବାବେଳେ ଆଉ କିଛି ବନ୍ଧୁତାର ଆୟୁଷ ଲମ୍ବିଥାଏ ଅୟୁତ ଯୁଗକୁ।

**କରୋନା ନୁହେଁ କରୋନା ପରି–** ୧୦୨ ବର୍ଷ ତଳେ ବି ଆସିଥିଲା କରୋନା ପରି ଏକ ମହାମାରୀ। ପୃଥିବୀର ସମୁଦାୟ ଜନସଂଖ୍ୟାର ଏକ ତୃତୀୟାଂଶ ଏଥିରେ ହୋଇଥିଲେ ଆକ୍ରାନ୍ତ। ମୃତ୍ୟୁବରଣ କରିଥିଲେ ପ୍ରାୟ ୫୦ ମିଲିୟନ। ଆଉ ଏହା କବଳରୁ ସେତେବେଳେ ଭାରତ ବି ବାଦ୍ ପଡ଼ି ନ ଥିଲା।

**ଦୁହେଁ ଦୁହିଁଙ୍କ ପାଇଁ–** ଦୁଇଜଣଙ୍କର ମନ ମିଶିଗଲେ ପ୍ରେମର ମଳୟ ପବନ ବହିବାକୁ ଲାଗେ। ଆଉ ସେହି ପ୍ରେମ ଦିନେ ବିବାହର ରୂପ ନେଇ ଦୁଇଟି ଜୀବନକୁ ଗୋଟିଏ ରଜ୍ଜୁରେ ବାନ୍ଧିରଖେ। ସେଠି ପ୍ରତିବନ୍ଧକ ସାଜେନା ଶାରୀରିକ ଅକ୍ଷମତା। ଭାଲେଣ୍ଟାଇନ୍ସ ଡେ'କୁ ନେଇଥିଲା ଏହି ସ୍ୱତନ୍ତ୍ର ପ୍ରଚ୍ଛଦ ପ୍ରସଙ୍ଗ।

**ତୁଳସୀ–** ବିଷ୍ଣୁପ୍ରିୟା ସେ। ଘରେ ଘରେ ପୂଜିତା। ମୂଳରେ ଏହାର ସବୁ ତୀର୍ଥ। ପୁଣି ପତ୍ରରେ ଦେବତା କରନ୍ତି ବାସ। ପୁରାଣରୁ ଆୟୁର୍ବେଦ, ମଣିଷର ଜନ୍ମରୁ ମୃତ୍ୟୁଯାଏ ସବୁଠି ସେ ଲୋଡ଼ା। ସେ ହେଉଛି ତୁଳସୀ। ପବିତ୍ର ତୁଳସୀକୁ ନେଇ ଥିଲା ଏହି ପ୍ରଚ୍ଛଦ ପ୍ରସଙ୍ଗ।

**ପେଟ ପାଇଁ ପେସା–** ସମସ୍ତେ କିଛି ନା କିଛି ପେସା ଆପଣାନ୍ତି, କେବଳ ପେଟ ଚାଖଣ୍ଡକ ପାଇଁ। ହେଲେ ଯେତେବେଳେ ପେସାରେ ଆସେ ସମସ୍ୟା, ଚାରିଆଡ ଦେଖାଯାଏ ଅନ୍ଧାର। ବଦଳିଯାଏ ପେସା। କରୋନାର ପ୍ରହାରରେ କିଛି କଳାଙ୍କର କ୍ଷେତ୍ରରେ ଘଟିଥିଲା ସେମିତି କିଛି। ସେମାନେ ଭିନ୍ନ ବୃତ୍ତି ଆପଣେଇବାକୁ ବାଧ ହୋଇଥିଲେ। ଆଉ ଜୀବନ ଜିଇଁବାକୁ କରିଥିଲେ ସଂଘର୍ଷ।















**ମା'–** ସନ୍ତାନ ପାଇଁ ଯାହାଙ୍କ ହୃଦୟରୁ ଝରିପଡେ ଅମୃତର ବାରିଧାରା ସେ ତ ମା'। କିନ୍ତୁ ଏମିତି ବି ମା' ଅଛନ୍ତି, ଯିଏ ସାରା ଦୁନିଆର ଚିନ୍ତାରେ ଚିନ୍ତିତ। ଯିଏ ନିଜ ସ୍ନେହ ପଣତରେ ଜାଗା ଦେଇଛନ୍ତି ସାରା ଦୁନିଆକୁ। ସେମିତି କେତେଜଣ ମା'ଙ୍କ ସମ୍ପର୍କରେ...।

**ଆଶାର ଆଲୋକ–** କ୍ୟାନ୍ସର ଦିଏ ଅସହ୍ୟ ଯନ୍ତ୍ରଣା। ଜୀବନ ମରଣ ଦୋଛକିରେ ଧନ୍ଦି ହୁଏ ମଣିଷ। ଭାଙ୍ଗିଯାଏ ମନୋବଳ, ମାଡି ବସେ ଅବସାଦର କଳା ଛାଇ। ବେଳେବେଳେ ପିଣ୍ଡରୁ ପ୍ରାଣ ହୋଇଯାଏ ଅଲଗା। କିନ୍ତୁ କେତେଜଣ ଦୁଃସାହସୀ ମଣିଷ କ୍ୟାନ୍ସର ଆରମ୍ଭ କରିଥିବା ଯୁଦ୍ଧକୁ ସାହସର ସହ ଲଢନ୍ତି। ତା' ପଞ୍ଝାରୁ ନିଜକୁ ମୁକୁଳାନ୍ତି। ପୁଣିଥରେ ହସି ଉଠେ ଜୀବନ। ଆଉ ସେମାନଙ୍କ ସଂଘର୍ଷର କାହାଣୀ ପାଲଟିଯାଏ ଆଉ କାହା ପାଇଁ ଆଶାର ଆଲୋକ...।

**ବିନା ମାଟିରେ ଚାଷ–** ସହର ବଜାରରେ ଏବେ ଘର କରିବା ପାଇଁ ଜାଗାର ଅଭାବ। ତେଣୁ ନିଜ ସାଧ୍ୟ ମୁତାବକ ଜାଗା କିଣି ଘର କରିବାକୁ ବାଧ୍ୟ ହୁଅନ୍ତି। ଗଛ ଲଗାଇବା ପାଇଁ ଜାଗା କି ମାଟି ମିଳିବା ଏବେ ସମସ୍ୟା। ତେଣୁ ଏସବୁ ସମସ୍ୟାର ସମାଧାନ କରିପାରିବ ବିନା ମାଟିରେ ଚାଷ।

## ସିନେମା

ବଲିଉଡ, ଓଲିଉଡ୍‌ର ଲାଟେଷ୍ଟ ଖବର ସହ ଅନେକ ମସାଲାଦର ଗସିପ୍ ସ୍ଥାନ ପାଇଥିଲା ସିନେମା ପୃଷ୍ଠାରେ।

## ବିବିଧା/ କାର୍ଟୁନ କର୍ନର

ବିଭିନ୍ନ ରୋଚକ ଘଟଣାକୁ ବେଶ୍ ସରଳ ଓ ସାବଲୀଳ ଭାବେ ଏହି ପୃଷ୍ଠାରେ ଉପସ୍ଥାପନା କରାଯାଇଥିଲା। ତା'ସହ କାର୍ଟୁନ କର୍ନରରେ ସ୍ଥାନ ପାଉଥିବା ମଜାଦାର କାର୍ଟୁନ ତ ଜିଣି ନେଇଥିଲା ସଭିଙ୍କ ମନ।

## ମଡେଲ ମିରର୍

ଅବସର ଅନୁଯାୟୀ ସୁନ୍ଦର, ଷ୍ଟାଇଲିଶ୍ ମଡେଲ୍‌ଙ୍କ ଫଟୋ ଏହି ପୃଷ୍ଠାର

ଟେ ଶ । ଭ ।
ବଢ଼ାଇଥିଲା ।

## ଲାଇଫ୍ ଷ୍ଟାଇଲ୍

ଲାଟେଷ୍ଟ ଫ୍ୟାଶନ୍‌କୁ ପାଠକଙ୍କ ନିକଟରେ ପହଞ୍ଚାଇବାର ପ୍ରୟାସ କରାଯାଇଥିଲା ଏହି ପୃଷ୍ଠାରେ।

## ସହରଠୁ ଦୂର

ମନୋରମ ପର୍ଯ୍ୟଟନସ୍ଥଳର ସବିଶେଷ ବିବରଣୀ ଯେମିତିକି, କେଉଁଠି ରହିବେ, କେମିତି ଯିବେ, କେବେ ଯିବେ ଆଦି ପାଠକ ପାଇପାରିଥିଲେ ଏହି ପୃଷ୍ଠାରେ। ଯଦିଓ କରୋନା ପାଇଁ ପୃଷ୍ଠା ସଂଖ୍ୟା କମିବାରୁ କେତେଟା ଦିନ ଉକ୍ତ ପୃଷ୍ଠା ବନ୍ଦ ରହିଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ପୁଣିଥରେ ନୂଆ ଢଙ୍ଗରେ ପାଠକଙ୍କୁ ଭ୍ରମଣର ମଜା ଦେଇଥିଲା।

## ସାଥୀ/ ପ୍ରଥମ ରୋଜଗାର

ପାଠକଙ୍କ ମନରେ ଉଙ୍କି ମାରୁଥିବା ବିଭିନ୍ନ ପ୍ରକାର ପ୍ରଶ୍ନର ଉତ୍ତର ଭାରି ମଜାଦାର ଢଙ୍ଗରେ ଦିଅନ୍ତି ସାଥୀ। ଯୁବପାଠକଙ୍କ ମଧ୍ୟରେ ଯାହାର ଆଦୃତି ଖୁବ୍ ବେଶୀ। ଆଉ ପ୍ରଥମ ରୋଜଗାର ସ୍ତମ୍ଭରେ ପ୍ରଥମ ରୋଜଗାରର ଅନୁଭୂତିର କଥା ଅନେକଙ୍କ ସ୍ମୃତିକୁ ସତେଜ କରିଦିଏ।

## ବ୍ୟକ୍ତିତ୍ୱ

ଓଡିଶାର ବିଶିଷ୍ଟ ବ୍ୟକ୍ତିଙ୍କଠାରୁ ଆରମ୍ଭ କରି ଭାରତର କେତେଜଣ ବିଶିଷ୍ଟ ବ୍ୟକ୍ତିଙ୍କ ପ୍ରେରଣାଦାୟକ ଜୀବନ କାହାଣୀ ଦିଆଯାଇଥିଲା ଏହି ପୃଷ୍ଠାରେ।

## ବ୍ୟାକ୍‌ପେଜ୍

ଛୋଟ ଛୋଟ କିନ୍ତୁ ଭାରି ମଜାଦାର ଘଟଣାଗୁଡ଼ିକ ଏହି ପୃଷ୍ଠାକୁ କରିଥିଲା ବେଶ୍ ଲୋକପ୍ରିୟ।





ପ୍ରିୟା

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ: କୁମାର ଶରତ, ଧରିତ୍ରୀ

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

# ହାଃ ହାଃ

## ଫ୍ୟାନ୍

ବିଭାନ ସାଙ୍ଗ ମୋହନକୁ- ଜାଣିଛୁ, ଆଜିକାଲି ମୋର ବହୁତ ଫ୍ୟାନ୍ ହେଇଗଲେଣି।

ମୋହନ- ଓଃ, ହେଲେ ମୋର ତ କେବେଠାରୁ ବହୁତ ଫ୍ୟାନ୍ ଅଛନ୍ତି।

ବିଭାନ- ସତ!

ମୋହନ- ହଁ, ଏବେ ଶୀତଦିନ ପାଇଁ ଯାହା ସେଗୁଡିକୁ ଅନ୍ କରୁନି।

## ଷ୍ଟାର୍ଟ

ସକାଳେ ଜଣେ ବ୍ୟକ୍ତି କାନରେ ଗାଡି ଚାବି ପୁରାଇ କାନ ସଫା କରୁଥାଆନ୍ତି। ଏହା ଦେଖି ଗୋପୀ- ଆଜ୍ଞା, ଏଯାଏଁ ଆପଣ ଷ୍ଟାର୍ଟ ହେଇପାରୁ ନାହାନ୍ତି ? ଧକ୍କା ଦେବି କି ଷ୍ଟାର୍ଟ ହେଇଯିବେ।

## ପ୍ରଥମ ରୋଷେଇ

ନୂଆ ବୋହୁର ପ୍ରଥମ ରୋଷେଇ ଘରେ ପ୍ରବେଶ।

ଶାଶୁ- ତତେ ଯାହା ଆସୁଛି ଆଜି ତିଆରି କର।

ବୋହୁ ୧୦ ମିନିଟ୍ ପରେ ରୋଷେଇ ଘରୁ ଆସି- ମା' ମୋର ସରିଲାଣି। ଖାଲି ଏତିକି କୁହନ୍ତୁ ସୋଡା ସହିତ ନେବେ ନା ପାଣି ସହ ନେବେ।



# ଖ୍ରୀଷ୍ଟମାସ ଭ୍ରମଣ



**ଭାରତରେ ଏମିତି ବି କିଛି ସ୍ଥାନ ଅଛି, ଯେଉଁଠାକୁ ବୁଲିଗଲେ ଖ୍ରୀଷ୍ଟମାସ ଛୁଟିକୁ ମନଭରି ଉପଭୋଗ କରିବା ସହ ଅନେକ ଅନୁଭୂତିକୁ ବି ସାଉଁଟିହେବ...**

କରୋନା ମହାମାରୀକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ଦେଶର ଅଧିକାଂଶ ପର୍ଯ୍ୟଟନସ୍ଥଳୀରେ ପର୍ଯ୍ୟଟକଙ୍କ ଆଗମନକୁ ନେଇ କିଛିଟା କଟକଣା ଜାରି କରାଯାଇଥିଲା। ହେଲେ ଏବେ ପରିସ୍ଥିତିରେ କିଛିଟା ସୁଧାର ଆସିଥିବାରୁ ପର୍ଯ୍ୟଟକ ବିଭିନ୍ନ ସ୍ଥାନକୁ ବୁଲିଗଲେଣି। ଏପରି କି ଆସନ୍ତା ଖ୍ରୀଷ୍ଟମାସ ଛୁଟିକୁ ଟିକେ ଆନନ୍ଦ ଉଲ୍ଲାସରେ କଟାଇବା ପାଇଁ ପର୍ଯ୍ୟଟକଙ୍କ ଭିତରେ ବେଶ୍ ଉତ୍ସାହ ଥିବା ଦେଖିବାକୁ ମିଳୁଛି। ଆଉ ଏହି ଉତ୍ସାହକୁ ଦ୍ୱିଗୁଣିତ କରିବା ପାଇଁ ଦେଶର କିଛି ପ୍ରମୁଖ ସ୍ଥାନରେ ଖ୍ରୀଷ୍ଟମାସ ପର୍ବକୁ ଟିକେ ଭିନ୍ନ ଢଙ୍ଗରେ ପାଳନ କରିବାକୁ ଯୋଜନା କରାଯାଇଛି। ପର୍ଯ୍ୟଟକ ଚାହିଁଲେ ଏହି ସବୁ ସ୍ଥାନକୁ ବୁଲି ଯାଇ ନିଆରା ଅନୁଭୂତି ସାଉଁଟିବାର ସୁଯୋଗ ପାଇପାରିବେ।

**ଗୋଆ:** ଖ୍ରୀଷ୍ଟମାସ ପର୍ବକୁ ବେଶ୍ ଶାନ୍ତିପୂର୍ଣ୍ଣ ଭାବେ ପାଳନ କରିବାକୁ ପସନ୍ଦ କରିଥାନ୍ତି ଗୋଆବାସୀ। ଏହି ସମୟରେ ଗୋଆର ଚାରିଆଡକୁ ରଙ୍ଗବେରଙ୍ଗର ଫୁଲ ତଥା ଲାଇଟ୍ସରେ ସଜାଯାଇଥାଏ, ଯାହା ଦେଖିବାକୁ ଖୁବ୍ ଆକର୍ଷଣୀୟ ଲାଗିଥାଏ। ତା'ଛଡ଼ା ସ୍ଥାନୀୟ ଚର୍ଚ୍ଚଗୁଡ଼ିକୁ ବି ବେଶ୍ ସୁନ୍ଦର ଭାବେ ସୁସଜ୍ଜିତ କରାଯାଇଥାଏ। ତେବେ ବର୍ତ୍ତମାନର ଏହି କରୋନା ମହାମାରୀକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଏଠାରେ ଆନନ୍ଦଉଲ୍ଲାସରେ ଖ୍ରୀଷ୍ଟମାସ ପର୍ବକୁ ପାଳନ କରିବାକୁ ଯୋଜନା ରହିଥିଲେ ହେଁ କିଛିଟା ଜରୁରୀ ନିୟମ ଯେମିତି କି ସାମାଜିକ ଦୂରତ୍ୱ ରକ୍ଷା କରିବା, ମାସ୍କର ବ୍ୟବହାର କରିବା, ହାତକୁ ସାନିଟାଇଜ୍ କରିବା ଆଦି କାର୍ଯ୍ୟକୁ ସମସ୍ତେ ମାନିବାକୁ ଏଠି ବାଧ୍ୟତାମୂଳକ ରହିଛି।

**ପଣ୍ଡିଚେରୀ:** ପଣ୍ଡିଚେରୀ ବା ପୁଡୁଚେରୀରେ ବି ବେଶ୍ ଧୁମ୍‌ଧାମ୍‌ରେ ଖ୍ରୀଷ୍ଟମାସ ପର୍ବକୁ ପାଳନ କରାଯାଇଥାଏ। ଖାସ୍ ସେଥିପାଇଁ ଏହି ଅବସରରେ ବହୁ ସଂଖ୍ୟାରେ ପର୍ଯ୍ୟଟକ ଏଠାକୁ ବୁଲି ଆସିଥାନ୍ତି। ଏହି ସମୟରେ ସ୍ଥାନୀୟ ଚର୍ଚ୍ଚ ସମେତ ରାସ୍ତାଘାଟଗୁଡ଼ିକୁ ଖୁବ୍ ସୁନ୍ଦର ଭାବେ ସଜାଯାଇଥାଏ। ତା'ଛଡ଼ା ଲୋକମାନଙ୍କ ମନୋରଞ୍ଜନ ପାଇଁ ଅନେକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ଆୟୋଜନ ବି ଏଠାରେ ହୋଇଥାଏ। ବର୍ତ୍ତମାନ କରୋନା ପରିସ୍ଥିତି ଏଠାରେ ନିୟନ୍ତ୍ରଣରେ ରହିଥିବାରୁ ପର୍ଯ୍ୟଟକ ଚାହିଁଲେ ଏଠାକୁ ବୁଲିଯାଇ ଖ୍ରୀଷ୍ଟମାସ ପର୍ବକୁ ମନଭରି ଉପଭୋଗ କରିପାରିବେ।

**ମନାଲି:** ଯେଉଁମାନେ ତୁଷାରପାତର ଶୀତଳ ପରଶରେ ଖ୍ରୀଷ୍ଟମାସ ପର୍ବକୁ ଆନନ୍ଦଉଲ୍ଲାସରେ ମନାଇବାକୁ ଇଚ୍ଛା ରଖିଛନ୍ତି, ସେମାନଙ୍କ ପାଇଁ ହିମାଚଳପ୍ରଦେଶସ୍ଥିତ ମନାଲି ସବୁଠାରୁ ଭଲ ସ୍ଥାନ। ଖ୍ରୀଷ୍ଟମାସ ସମୟରେ ଏଠାରେ ତୁଷାରପାତ ହେବା ଆରମ୍ଭ ହୋଇଯାଇଥାଏ, ଯାହା ଦେଖିବାକୁ ଖୁବ୍ ଆକର୍ଷଣୀୟ ଲାଗିଥାଏ। ତେଣୁ ଏହି ସମୟରେ ଏଠାକୁ ଗଲେ ପର୍ଯ୍ୟଟକ ସ୍କିଂ କ୍ରୀଡ଼ାର ମଜା ନେବା ସହ ସ୍ନୋମ୍ୟାନ୍ ତଥା ବରଫରେ ଖେଳିବାର ଭରପୂର ଆନନ୍ଦ ନେଇପାରିବେ। ହିମାଚଳପ୍ରଦେଶରେ ବି କରୋନା ପରିସ୍ଥିତି ପ୍ରାୟତଃ ନିୟନ୍ତ୍ରଣରେ ରହିଛି, ତଥାପି କରୋନା ସମ୍ପର୍କିତ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ସମସ୍ତ ନିୟମାବଳୀ ମାନି ଏଠାରେ ବୁଲିଲେ ସଂକ୍ରମଣର ଆଦୌ ଭୟ ରହିବ ନାହିଁ।

**ଔଲି:** ଉତ୍ତରାଖଣ୍ଡର ଔଲିରେ ବି ପ୍ରତିବର୍ଷ ଖ୍ରୀଷ୍ଟମାସ ପର୍ବକୁ ବେଶ୍ ଉତ୍ସାହ ସହକାରେ ପାଳନ କରାଯାଇଥାଏ। ଏହି ସମୟରେ ଏଠାରେ ମଧ୍ୟ ତୁଷାରପାତ ହେବା ଆରମ୍ଭ ହୋଇଯାଏ। ତା'ସାଙ୍ଗକୁ ବିଭିନ୍ନ ରଙ୍ଗବେରଙ୍ଗ ଲାଇଟ୍ସର ସାଜସଜ୍ଜା ଏଠାକାର ପରିବେଶକୁ ବେଶ୍ ରଙ୍ଗିନ କରି ଦେଇଥାଏ। ଏଥିସହିତ ଏଠାରେ ପର୍ଯ୍ୟଟକ ଚାହିଁଲେ ସ୍କିଂ କ୍ରୀଡ଼ାର ମଜା ବି ନେଇପାରିବେ। ତେବେ ବର୍ତ୍ତମାନର କରୋନା ମହାମାରୀର ପରିସ୍ଥିତିକୁ ଧ୍ୟାନରେ ରଖି ଯଦି ସଚେତନତାର ସହ ଏଠାରେ ବୁଲାବୁଲି କରିବେ, ତା'ହେଲେ ଭ୍ରମଣର ଭରପୂର ମଜା ଉଠାଇପାରିବେ।


ଏସବୁ ସ୍ଥାନ ବ୍ୟତୀତ କେରଳ, ମୁମ୍ବାଇ, କଲିକତା ତଥା ଦେଶର ଅନ୍ୟାନ୍ୟ କେତେକ ସ୍ଥାନରେ ବି ପ୍ରତିବର୍ଷ ଖ୍ରୀଷ୍ଟମାସ ପର୍ବକୁ ବେଶ୍ ଧୁମ୍‌ଧାମ୍‌ରେ ପାଳନ କରାଯାଇଥାଏ। ପର୍ଯ୍ୟଟକ ଚାହିଁଲେ ନିଜ ସଚେତନତାରେ ଏହିସବୁ ସ୍ଥାନକୁ ଯାଇ ବୁଲିପାରିବେ।














# କୁନି ହାତୀର ଜନ୍ମଦିନ







ଶ୍ରୀକୁଟି ଏକ କୁନି ହାତୀ ଛୁଆ । ସେ ରହେ କେରଳର କୋତ୍ତୁର ଏଲିଫ୍ୟାଣ୍ଟ ରିହାବିଲିଟେଶନ୍ ସେଣ୍ଟର୍‌ରେ । ନିକଟରେ ଏହି ହାତୀ ଛୁଆଟିର ପ୍ରଥମ ଜନ୍ମଦିନ ବହୁ ଆଡମ୍ବରରେ ପାଳନ କରାଯାଇଛି । ଏହିଦିନ ଶ୍ରୀକୁଟି ନିଜ କେଶରେ ଫୁଲ ଲଗାଇ ସଜବାଜ ହୋଇଥିଲା । ଏଥିରେ ୧୫ଟି ହାତୀ ଓ କିଛି ଲୋକ ଯୋଗ ଦେଇଥିଲେ । ଏକ ରିପୋର୍ଟ ମୁତାବକ ଶ୍ରୀକୁଟି ମାତ୍ର ଦୁଇ ଦିନର ହୋଇଥିବାବେଳେ ଜଙ୍ଗଲରୁ ଉଦ୍ଧାର ହୋଇଥିଲା । ତା'ର ଅବସ୍ଥା ସଙ୍କଟାପନ୍ନ ଥିଲା । କିନ୍ତୁ ସ୍ୱାସ୍ଥ୍ୟକର ଖାଦ୍ୟ ଓ ସ୍ନେହ ଯତ୍ନ ପାଇ ସେ ଶୀଘ୍ର ସୁସ୍ଥ ହୋଇଯାଇଥିଲା । ଆଉ ବର୍ଷକର ହେବାପରେ ପାଳନ ହେଲା ଜନ୍ମଦିନ । ଏଥିରେ ଶ୍ରୀକୁଟିକୁ ସାଲ୍ ଓ ଏକ ବଡ଼ କେକ୍ ଉପହାର ଦିଆଯାଇଥିଲା । କେକ୍‌ଟି ଚାଉଳ ଓ ମାଣ୍ଡିଆରେ ତିଆରି ହୋଇଥିଲା ।

## କାର୍ଟୁନ କର୍ନର



# ନିଜସ୍ୱ ସଂଗ୍ରହାଳୟ




ସାଧାରଣତଃ ବିରଳ ଆଉ ପୁରାତନ ସାମଗ୍ରୀକୁ ନେଇ ସଂଗ୍ରହାଳୟ ହୋଇଥାଏ, ଯାହାକୁ ସରକାର କରିଥାନ୍ତି । ଏଥିରୁ ଆମେ ଆମ ଇତିହାସ ଓ ସଂସ୍କୃତି କଥା ଜାଣିଥାଉ । ମାତ୍ର କେତେକ ବ୍ୟକ୍ତିବିଶେଷ ମଧ୍ୟ ନିଜସ୍ୱ ଉଦ୍ୟମରେ ଗଢ଼ିଛନ୍ତି ସଂଗ୍ରହାଳୟ...

ସାଧାରଣତଃ ବିରଳ ଆଉ ପୁରାତନ ସାମଗ୍ରୀକୁ ନେଇ ସଂଗ୍ରହାଳୟ ହୋଇଥାଏ, ଯାହାକୁ ସରକାର କରିଥାନ୍ତି । ଏଥିରୁ ଆମେ ଆମ ଇତିହାସ ଓ ସଂସ୍କୃତି କଥା ଜାଣିଥାଉ । ମାତ୍ର କେତେକ ବ୍ୟକ୍ତିବିଶେଷ ମଧ୍ୟ ନିଜସ୍ୱ ଉଦ୍ୟମରେ ଗଢ଼ିଥାନ୍ତି ସଂଗ୍ରହାଳୟ । ଏମିତି ଏକ ଘରୋଇ ସଂଗ୍ରହାଳୟ ରହିଛି ଖୋର୍ଦ୍ଧା ସଦରର ରାଧାବଲ୍ଲଭ ସାହିରେ, ଯାହାର ଦାୟିତ୍ୱ ନେଇଛନ୍ତି ଅବସରପ୍ରାପ୍ତ ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ । ସେ କୁହନ୍ତି, ମୋ ବାପା ରାଧାଗୋବିନ୍ଦ ଦାସ, ମା' ଶେଫାଳିବାଳା ଦାସ । ବାପା ଥିଲେ ଜଣେ କ୍ରୀଡ଼ାବିତ୍, ସଂସ୍କୃତି ପ୍ରେମୀ, ଐତିହ୍ୟ ସଂଗ୍ରାହକ । ଦୁହିଁଙ୍କ ଆଗ୍ରହରେ ରାଧାଗୋବିନ୍ଦ-ଶେଫାଳି ସଂଗ୍ରହାଳୟ ସ୍ଥାପିତ ହୋଇଛି । ମାତ୍ର ଏହାକୁ ୧୯୯୬ମସିହାରୁ ବିଧିବଦ୍ଧଭାବେ ବୁଝୁଛି । ଖୋର୍ଦ୍ଧା ପ୍ରାଣନାଥ ସ୍ୱୟଂଶାସିତ କଲେଜରୁ ୨୦୧୯ରେ ଅବସର ଗ୍ରହଣ କରିବାପରେ ବିଭିନ୍ନ ଦେଶ ଓ ରାଜ୍ୟ ଭ୍ରମଣ ବେଳେ ନାନାପ୍ରକାର ବିରଳ ସାମଗ୍ରୀକୁ ସଂଗ୍ରହକରି ଏହି ସଂଗ୍ରହାଳୟରେ ସାଇତି ରଖିଛି । ଏମିତି କାର୍ଯ୍ୟ ପାଇଁ ଜେଜେ, ଅଜା ଓ ମା'ବାପାଙ୍କ ପ୍ରେରଣାରୁ ମୋତେ ଆନନ୍ଦ ମଳୁଛି । ଏବେ ପ୍ରାୟ ୨୨ଟି ବିଭାଗରେ ବହୁ ପ୍ରାଚୀନ କୀର୍ତ୍ତିରାଜି ଶୋଭାପାଉଛି, ଯାହାକୁ ଆଖିରେ ନ ଦେଖିଲେ ବିଶ୍ୱାସ କରିହେବନି । ଏପରିକି ବାଇଚଢ଼େଇ ବସାଠାରୁ ଆରମ୍ଭକରି ଆଧୁନିକ ଘରକରଣା ଏବଂ ବିଭିନ୍ନ ବିରଳ ପୁରାତନ ସାମଗ୍ରୀ ରହିଛି । ଚାରୁକଳା ଓ ହସ୍ତଶିଳ୍ପ ଯଥା ପ୍ରସ୍ତର ଓ କାଷ୍ଠ ଖୋଦେଇ, ଘାସ,ବେତ ବାଉଁଶ ନିର୍ମିତ କଳାକୃତି, ଶିଙ୍ଗ ଶିଳ୍ପ, ଚମଡା ଶିଳ୍ପ, ମୃତ୍ତିକା କଳା, ବୟନ କଳା,








ଲାଖ ଶିଳ୍ପ, ଧାତୁ ଶିଳ୍ପଙ୍କ ସମେତ ସ୍ୱର୍ଣ୍ଣ, ରୁପା ତମ୍ବା, ବ୍ରୋଞ୍ଜ, ପିତ୍ତଳ, କଂସା, ଲୌହ ନିର୍ମିତ ପାତ୍ର, ମୁଦ୍ରା ଆଦି ବହୁ ମୂଲ୍ୟବାନ ଧାତୁ ଗଚ୍ଛିତ ରହିଛି । ଏଥିସହିତ ପଶୁମୁଖା,ଗୋବର ଓ କାଗଜ ମୁଖା, ପ୍ରାଚୀନ ଯୁଗର ପ୍ରସ୍ତର କଳା,ଧାତୁ, ପଟଚିତ୍ର, ଭାସ୍କର୍ଯ୍ୟ ଶିଳ୍ପ, ପାରମ୍ପରିକ ଚିତ୍ର, ବିଭିନ୍ନ ଲେଖନ ସାମଗ୍ରୀ, ତାଲା, ଚାବି, ଚୀନା ମାଟି, ଫାଇବର, କାଚ, ପ୍ଲାଷ୍ଟିକ, ଯାନ୍ତ୍ରିକ ଯନ୍ତ୍ରପାତି(ବହୁ ପୁରୁଣା ଘଣ୍ଟା, ରେଡିଓ, କ୍ୟାମେରା, ଟର୍ଚ୍ଚ, ଅଣୁବୀକ୍ଷଣ ଯନ୍ତ୍ର, ଲ୍ୟାମ୍ପ, ଲଣ୍ଠନ), ବିଭିନ୍ନ ପାରମ୍ପରିକ ବାଦ୍ୟଯନ୍ତ୍ର, ବିଞ୍ଚଣା, ପିଲାଙ୍କ ଖେଳଣା, ବିଭିନ୍ନ ଦେଶର ଜାତୀୟ ପତାକା, ଜାତୀୟ ଦ୍ରବ୍ୟ, ବିରଳ ଡାକଟିକଟ, ବିଭିନ୍ନ ସମୟରେ ବ୍ୟବହୃତ ବ୍ୟାଜ ପ୍ରଭୃତି ସ୍ଥାନ ପାଇଛି । ଏହି ସଂଗ୍ରହାଳୟ ଛାତ୍ରୀଛାତ୍ର ତଥା ଆଗାମୀ ପିଢ଼ିଙ୍କ ପାଇଁ ଗବେଷଣାରେ ସହାୟକ ହୋଇପାରିବ, ଏହା ନିଃସନ୍ଦେହ ।

**-ବନବିହାରୀ ବେହେରା**

**ତଥ୍ୟ-ପ୍ରଭାତ କୁମାର ପାଣିଗ୍ରାହୀ**

## ପୁସ୍ତକ ସମୀକ୍ଷା










**ଚୁଇଙ୍ଗମ୍**(ଗଳ୍ପ ସଂକଳନ)
ଲେଖକ: ଶକିଲ ଅହମ୍ମଦ
ପ୍ରକାଶକ: ଟି ଆଣ୍ଡ ଏସ ପବ୍ଲିକେଶନ ହାଉସ
ମୂଲ୍ୟ: ୨୪୯ ଟଙ୍କା

୧୬ଟି କ୍ଷୁଦ୍ରଗଳ୍ପକୁ ନେଇ ପ୍ରକାଶ ପାଇଛି ଗଳ୍ପ ସଂକଳନ 'ଚୁଇଙ୍ଗମ୍'ର ଦ୍ୱିତୀୟ ସଂସ୍କରଣ । ସମସାମୟିକ ଘଟଣାବଳୀର ନିଚ୍ଛକ ପରିଭାଷାକୁ ତୋଳି ଧରିବାକୁ ଚେଷ୍ଟା କରାଯାଇଛି । ଇଂରାଜୀ ଭାଷାରେ ରଚିତ ଏହି ଗଳ୍ପ ସଂକଳନଟିରେ ପାଠକକୁ ବାନ୍ଧିରଖିବା ଲାଗି ଲେଖକଙ୍କ ଉଦ୍ୟମ ସ୍ୱଷ୍ଟ ବାରି ହୋଇପଡ଼େ ।

**ୟୁ.କେ. ଭ୍ରମଣର ଅଭୁଲାସ୍ମୃତି**
ଲେଖକ: ରାଜକିଶୋର ମହାପାତ୍ର,ପ୍ରକାଶକ: କାବ୍ୟଲୋକ
ମୂଲ୍ୟ: ୨୦୦ଟଙ୍କା

ୟୁନାଇଟେଡ୍ କିଙ୍ଗଡମ୍ ବା ଯୁକ୍ତ ରାଜ୍ୟ ଭ୍ରମଣର କେତେକ ଅଭୁଲାସ୍ମୃତିକୁ ସାଉଁଟିଛନ୍ତି ଲେଖକ । ବିଶେଷ ଭାବରେ ସେଠାରେ ପାଳିତ ବିଭିନ୍ନ ହିନ୍ଦୁ ପର୍ବ ପର୍ବାଣୀ ଓ ମନ୍ଦିରର ଅବତାରଣା କିଛି ସମୟ ନିଜ ଦେଶର ଅନୁଭବକୁ ଜୀବନ୍ତ କରିତୋଳିଛି । ଛୋଟବଡ ବିଭିନ୍ନ ଦିଗକୁ ନିଖୁଣ ଭାବେ ସ୍ଥାନିତ କରାଯାଇଛି ଏଥିରେ ।

**ପ୍ରୀତିରୂପା**
କବି: ଭରତ ଚନ୍ଦ୍ର ଦାଶ
ପ୍ରକାଶକ: ସାରସ୍ୱତ ପ୍ରକାଶନ,ମୂଲ୍ୟ:୧୨୦ ଟଙ୍କା

କବିତା ସଂକଳନ ପ୍ରୀତିରୂପା । ଏହି ସଂକଳନରେ ସ୍ଥାନ ପାଇଛି ୧୪୦ଟି ଏକପଦୀ ନିରୋଳା ପ୍ରେମ କବିତା । ଏଥିରେ ମନ ଗହନର ଭାବାବେଗକୁ ସାବଲୀଳ ଭାବେ ତୋଳି ଧରିବାକୁ ପ୍ରୟାସ କରଛନ୍ତି କବି ।

ବ୍ୟାକ୍ ପେଜ୍






# ଭାରତର ସବୁଠୁ ବଡ଼ କ୍ରିସ୍‌ମାସ୍ ଟ୍ରି

କ୍ରିସ୍‌ମାସ୍ ସେଲିବ୍ରେସନ୍ ବିନା କ୍ରିସ୍‌ମାସ୍ ଟ୍ରିରେ ଅଧୁରା। ତେଣୁ ପ୍ରତି ଖ୍ରୀଷ୍ଟଧର୍ମର ଲୋକଙ୍କ ଘରେ ସୁସଜ୍ଜିତ କ୍ରିସ୍‌ମାସ୍ ଟ୍ରି ଶୋଭାପାଏ। ଆଜିକାଲି ବିଭିନ୍ନ ଶପିଂ ମଲ୍‌ରେ ବି ଉତ୍ସବକୁ ନେଇ ସାଜସଜ୍ଜା କରାଯାଉଛି। ସେହିଭଳି ଗତବର୍ଷ ବେଙ୍ଗାଲୁରୁର ଫୋଏନିକ୍ସ ମାର୍କେଟ ସିଟି ଶପିଂ ମଲ୍‌ର ପ୍ରବେଶ ଦ୍ୱାର ନିକଟରେ ତିଆରି କରାଯାଇଥିଲା ଏକ ବିରାଟ କ୍ରିସ୍‌ମାସ୍ ଟ୍ରି। ଏହା ୭ ମହଲାବିଶିଷ୍ଟ ଘରଠାରୁ ବି ଉଚ୍ଚା ଥିଲା। ୭୫ ଫୁଟ୍ ଉଚ୍ଚତା ବିଶିଷ୍ଟ ଏହି କ୍ରିସ୍‌ମାସ୍ ଟ୍ରିରେ ୫୦,୦୦୦ ଲାଇଟ୍ ଲଗାଯାଇଥିଲା। ଏହାର ମୂଳଭାଗରେ ବିରାଟକାୟ ବଲ୍‌ଗାହରିଣ, ନୃତ୍ୟରତ ଯୁବତୀ, ଲାଇଟ ହାଉସ୍, କପ୍, କ୍ୟାଣ୍ଡି ଓ କେଟଲ୍‌ର ପ୍ରତିମୂର୍ତ୍ତି ସ୍ଥାପନ କରାଯାଇ ସଜ୍ଜା ଯାଇଥିଲା। ଫଳରେ ପରିବେଶ ଲାଗୁଥିଲା ବେଶ୍ ମନୋରମ।

# ବୟସ ୭, ଭାର ଉଠାଉଛନ୍ତି ୮୦ କି.ଗ୍ରା.

ଯେଉଁ ବୟସରେ ପିଲାମାନେ ମା' ବାପାଙ୍କ ଉପରେ ନିର୍ଭରଶୀଳ ଥାଆନ୍ତି। ସବୁକଥାରେ ଅନ୍ୟର ସାହାଯ୍ୟ ଲୋଡନ୍ତି। ସେହି ବୟସର ଜଣେ କୁନି ଝିଅ ସମସ୍ତଙ୍କୁ



ଚକିତ କଲାଭଳି କାମ କରି ଦେଖାଇଛନ୍ତି। ଏହି କୁନି ଝିଅ ହେଉଛନ୍ତି କାନାଡା, ଓଟାୱାର ରୋରୀ ବେନ୍ ଉଲ୍‌ଫତ। ଏଇ ବୟସରେ ସେ ୱେଟ୍ ଲିଫ୍ଟିଙ୍ଗ କରି ପୃଥିବୀର ସବୁଠାରୁ ଶକ୍ତିଶାଳୀ ଝିଅର ମାନ୍ୟତା ପାଇଛନ୍ତି। ରୋରୀର ବୟସ ୭ ବର୍ଷ ଓ ଉଚ୍ଚତା ୪ ଫୁଟ୍ । କିନ୍ତୁ ସେ ୮୦ କି.ଗ୍ରା. ଓଜନର ଡେଡ୍‌ଲିଫ୍ଟ ଓ ୬୧ କି.ଗ୍ରା.ର ସ୍କ୍ୱାଡନ କରିପାରୁଛନ୍ତି ; ଯାହା କି ଅସମ୍ଭବ ମନେହୁଏ। କେବଳ ସେତିକି ନୁହେଁ ସେ ସ୍ନାଚରେ ୩୨ କି.ଗ୍ରା. ଓ କ୍ଲିନ୍ ଆଣ୍ଡ ଜର୍କରେ ୪୨ କି.ଗ୍ରା. ଓଜନ ବହୁତ ସହଜରେ ଉଠାଇପାରନ୍ତି। ଏବେ ସେ ପୃଥିବୀର ସବୁଠାରୁ କମ୍ ବୟସର ୟୁଏସ୍ ୟୁଥ ନେଶନ୍ ଚାମ୍ପିୟନ୍‌ର ମାନ୍ୟତା ବି ପାଇଛନ୍ତି। ରୋରୀ ମାତ୍ର ୫ ବର୍ଷ ବୟସର ହୋଇଥିବାବେଳେ ୱେଟ୍ ଲିଫ୍ଟିଙ୍ଗର ତାଲିମ ନେବା ଆରମ୍ଭ କରିଥିଲେ। ଆଉ ମାତ୍ର ୨ ବର୍ଷ ଭିତରେ ସେ ୩୦ କି.ଗ୍ରା. ଭାର ବର୍ଗରେ ୟୁଏସ୍ ୱେଟଲିଫ୍ଟିଙ୍ଗ ଅଣ୍ଡର ୧୧ ଓ ଅଣ୍ଡର ୧୩ ୟୁଥ ନ୍ୟାଶନାଲ ଚାମ୍ପିୟନ ହୋଇପାରିଛନ୍ତି। ରୋରୀ କହନ୍ତି, ମତେ ମଜଭୁତ ହେବା ଭାରି ପସନ୍ଦ। ତେଣୁ ମୁଁ ୱେଟ ଲିଫ୍ଟିଙ୍ଗ ଖୁସିରେ କରିଥାଏ। ରୋରୀ ଏବେ ତୃତୀୟ ଶ୍ରେଣୀରେ ପଢନ୍ତି। ସେ ସପ୍ତାହକୁ ୯ ଘଣ୍ଟା ଅଭ୍ୟାସ କରନ୍ତି, ଯେଉଁଥିରେ ୪ ଘଣ୍ଟା ୱେଟ୍ ଲିଫ୍ଟିଙ୍ଗ ଅଭ୍ୟାସରେ ବିତିଥାଏ।

# ୯୦ ଟଙ୍କାରେ କିଣିବେ ଘର



ସମସ୍ତଙ୍କର ଇଚ୍ଛା ଥାଏ ନିଜର ଏକ ଘର କରିବାକୁ। ହେଲେ ଏଇ ମହଙ୍ଗା ଯୁଗରେ ଘରଟିଏ କରିବା ବା କିଣିବା ସ୍ୱପ୍ନ ପ୍ରାୟ ଲାଗେ। ତେବେ ଏମିତି ଏକ ସ୍ଥାନ ଅଛି ଯେଉଁଠି ଘର କିଣି ପାରିବେ ଶାଗ ମାଛ ଦରରେ। ବିଶ୍ୱାସ ନ ହେଲେ ବି ଏହା ସତ। ଇଟାଲିର ମୋଲିଝେ କ୍ଷେତ୍ରରେ ଥିବା କାମ୍ବ୍ରୋପିଗନାନୋ ହେଉଛି ଏମିତି ଏକ ଗାଁ ଯେଉଁଠି ଆପଣ ଘର କିଣି ପାରିବେ ମାତ୍ର ୯୦ ଟଙ୍କାରେ। ଏ ହେଉଛି ପୃଥିବୀର ପ୍ରଥମ ଗାଁ ଯେଉଁଠି ମିଳୁଛି ସବୁଠୁ କମ୍ ଦାମ୍‌ରେ ଘର। ସମୁଦ୍ର ତଟ ଓ ସ୍କି ରିଜର୍ଟସ ନିକଟରେ ଏହା ଅବସ୍ଥିତ। ଏହି ଗାଁରେ ବର୍ତ୍ତମାନ ୯୦୦ ଲୋକ ବାସ କରୁଛନ୍ତି। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଏହି ଗାଁକୁ ଛାଡି ଲୋକ ଚାଲିଯାଇଥିଲେ। କାରଣ ଏଠାରେ ରୋଜଗାରର ଅଭାବ ଦେଖାଦେଇଥିଲା। ଏବେ ଏଠାକାର ପ୍ରଶାସନ ପୁଣିଥରେ ଏହି ଗାଁକୁ ବସେଇବା ପାଇଁ ଚେଷ୍ଟା କରୁଛନ୍ତି। ଅପରେଶନ୍ ବ୍ୟୁଟି ଜରିଆରେ ଗାଁର ନବ ନିର୍ମାଣ କରାଯାଉଛି। ଏଠାରେ ଘର କିଣିବାର ସର୍ତ୍ତ ରଖାଯାଇଛି ଯେ, ଘର କିଣିବା ପରେ ଏହାକୁ ମରାମତି ନିହାତି କରିବେ। ତା'ପରେ ଯାଇ ସେଠାରେ ରହିପାରିବେ। ଆଉ କେବଳ ସ୍ୱାମୀ, ସ୍ତ୍ରୀ ଓ ପିଲାଟିଏ ଥିବା ପରିବାରକୁ ହିଁ ଘର ବିକାଯିବ। ୯୦ଟଙ୍କାରେ ଘର କିଣିବା ପରେ ଇନ୍ସ୍ୟୋରେନ୍ସ ପଲିସି ପାଇଁ ୧୯୦୦୦ଟଙ୍କା ପୈଠ କରିବାକୁ ହେବ। ନିୟମାନୁସାରେ ମରାମତି ନ କଲେ ଘର ଫେରେଇବାକୁ ହେବ। ତା'ଛଡା ୧,୭୮, ୯୩୦ ଟଙ୍କା ଗ୍ୟାରେଣ୍ଟି ଭାବେ ଜମା କରିବାକୁ ହେବ। ମରାମତି କରିବା ପରେ ଏହି ଟଙ୍କା ଫେରସ୍ତ କରି ଦିଆଯିବ।

